୬ ମାଞ୍ଚେଷ୍ଟର୍‌ରେ ବୁମ୍‌ରାଙ୍କୁ ଖେଳାଇବାକୁ ବାଧ !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୭୨ ● ୨୦ ଜୁଲାଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-172 ●20th July 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DADLS-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧ୍ୟାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR-15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

୬ ଏସିଆ କପ୍ ଖେଳିବ ନାହିଁ ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୭୨ ● ୨୦ ଜୁଲାଇ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-172 ● 20th July 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27



# ନାବାଳିକାଙ୍କ ଦେହରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ବଳଙ୍ଗା, ୧୯।୭
ନ୍ୟୁଜ୍ ବ୍ୟୁରୋ

ଏଫ୍‌ଏମ୍ କଲେଜର ଛାତ୍ରୀ ଆତ୍ମାହୂତି ଘଟଣାର ସପ୍ତାହକ ପରେ ଶନିବାର ପୁରୀ ଜିଲ୍ଲା ବଳଙ୍ଗା ଥାନା ବାୟାବର ଗାଁରେ ଜଣେ ନାବାଳିକାଙ୍କ ଦେହରେ ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି।

ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତାଙ୍କ ଶରୀରର ୭୫% ପୋଡିଯାଇଛି ତାଙ୍କୁ ଟ୍ରମା କେୟାରରୁ ବର୍ଣ୍ଣ ୟୁନିଟ୍‌କୁ ସ୍ଥାନାନ୍ତର କରାଯାଇଛି । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରୁଛନ୍ତି।

ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ଡାକ୍ତର (ପ୍ରଫେସର) ଆଶୁତୋଷ ବିଶ୍ୱାସ କହିଛନ୍ତି,ପୀଡ଼ିତାଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଛି। ଏହା ହେଉଛି ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ବର୍ଣ୍ଣ । କିନ୍ତୁ ପୀଡ଼ିତା ଏବେ କଥାବାର୍ତ୍ତା କରୁଛନ୍ତି । ଆସନ୍ତା ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ । ତାଙ୍କୁ ୪୮ ଘଣ୍ଟା ଅବଜରଭେସନ୍‌ରେ ରଖାଯିବ। ପୀଡିତା ଭେଣ୍ଟିଲେଟରରେ ନାହାନ୍ତି। ତାଙ୍କୁ ଅକ୍ସିଜେନ ସପୋର୍ଟରେ ରଖାଯାଇଛି ବୋଲି ସେ କହିଛନ୍ତି।

ଏମ୍ସରେ ଚିକିତ୍ସାଧୀନ *(ପୃଷ୍ଠା ୭ରେ)*



## ୧୦ ଜଣଙ୍କୁ ପଚରାଉଚରା ଜାରି

ବଳଙ୍ଗା, ୧୯।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଦେହରେ ନିଆଁ ଲଗାଇବା ଘଟଣାରେ ପୁଲିସ ୧୦ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଅତିରିକ୍ତ ଏସ୍ପିଙ୍କ ନେତୃତ୍ୱରେ ପୁଲିସର ସ୍ୱତନ୍ତ୍ର ଟିମ ଏହି ପଚରାଉଚରା କରୁଛି । ଏହି ଘଟଣା ନେଇ ୨ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୬ଜଣ ଲେଖାଏଁ ସଦସ୍ୟ ଅଛନ୍ତି । ଶନିବାର ଅପରାହ୍ଣରେ ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପହଞ୍ଚିଛନ୍ତି । ସେ ଘଟଣାର ତଦନ୍ତ କରୁଛନ୍ତି ।

ଅତିରିକ୍ତ ଏସ୍‌ପି କହିଛନ୍ତି ଘଟଣାର ସମସ୍ତ ଦିଗକୁ ତର୍ଜମା କରାଯାଉଛି । ଏମ୍ସରେ ନାବାଳିକାଙ୍କ ଚାଲିଛି ଚିକିତ୍ସା। ନାବାଳିକାଙ୍କ ୭୦ ପ୍ରତିଶତ ପୋଡ଼ିଯାଇଥିବା ଏମ୍ସ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି । ଏମ୍ସ ବର୍ଣ୍ଣୱାର୍ଡକୁ ପୀଡିତାଙ୍କୁ ସ୍ଥାନାନ୍ତରିତ କରାଯାଇଛି ।

### ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ : ମୁଖ୍ୟମନ୍ତ୍ରୀ
## ଆବଶ୍ୟକ ହେଲେ ଦିଲ୍ଲୀ ଏମସ୍ ଏୟାର ଲିଫ୍ଟ ହେବେ ନାବାଳିକା

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲାର ବଳଙ୍ଗାର ନାବାଳିକା ପୋଡି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମରେ ବିବୃତି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଶନିବାର ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଗୋଟିଏ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କ ଦେହରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏ ଘଟଣାରେ ପୋଲିସ୍ ଆମୂଳଚୂଳ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ପୀଡିତା ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ପୀଡିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ଆବଶ୍ୟକ ହେଲେ ସମ୍ପୃକ୍ତ ପୀଡିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସରେ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ଅଛନ୍ତି।

ପୀଡିତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍‌ଓ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ପରିସ୍ଥିତି ସମ୍ପର୍କରେ ଖବର ରଖାଯାଉଛି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ।

ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଭାବରେ ଧରା ପଡ଼ିବେ । ପୋଲିସ ଟିମ୍ ଅପରେସନ ମୋଡରେ ଅଛନ୍ତି। ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଏମ୍ସ ହସ୍ପିଟାଲ ପ୍ରବେଶ ସ୍ଥାନରୁ ଦୂରରେ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ପୁରୀଜିଲ୍ଲା ବଳଙ୍ଗା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ଦୁର୍ବୃତ୍ତ ନିଆଁ ଲଗାଇଦେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଉଛି। ଏଭଳି ସମ୍ବେଦନଶୀଳ ଘଟଣା ବେଳେ ହସ୍ପିଟାଲରେ ରାଜନୈତିକ ଦଳର ନେତା ଓ କର୍ମୀମାନେ ଭିଡ ଜମାଇବା ଘଟଣା ଆଦୌ ଗ୍ରହଣୀୟ ନୁହେଁ। ସେଥିପାଇଁ ଏମ୍ସର ପ୍ରବେଶ ପଥଠାରୁ ସେମାନେ ଦୂରରେ *(ପୃଷ୍ଠା ୭ରେ)*

## ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଉପରକୁ କଂଗ୍ରେସର ଟମାଟୋ ମାଡ଼

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କ ଦେହରେ ନିଆଁ ଲଗାଇବା ଘଟଣାର ପ୍ରତିବାଦରେ ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯିବା ସହ ଟମୋଟୋ ମାଡ କରାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ କର୍ମୀମାନେ ଶ୍ରୀମତୀ ପରିଡ଼ାଙ୍କ ବାସଭବନ ଉପରକୁ ଟମାଟୋ ମାଡ଼ କରିଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଠାରେ ମୁତୟନ ଥିବା ପୋଲିସ୍ ପ୍ରତିବାଦକାରୀ କଂଗ୍ରେସ କର୍ମୀଙ୍କୁ ସେଠାରୁ ଉଠାଇ ନେଇଛନ୍ତି।

## ଅମାନବୀୟ ଘଟଣାକୁ ନବୀନଙ୍କ କଡା ନିନ୍ଦା

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ଘଟିଥିବା ଅଭାବନୀୟ ଘଟଣା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ନବୀନ ପଟ୍ଟନାୟକ କହିଛନ୍ତି ଯେ, ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ନିଆଁ ଲଗାଇଦେବା ଘଟଣାକୁ ନେଇ ସେ ମର୍ମାହତ । ଦିବାଲୋକରେ ଏହା ହତ୍ୟା ପ୍ରୟାସ ବୋଲି ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି । ଏଭଳି ଅମାନବୀୟ ଘଟଣାକୁ ସେ କଡା ନିନ୍ଦା କରିଛନ୍ତି ।

ନବୀନ କହିଛନ୍ତି ଯେ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ନ୍ୟାୟ ପାଇଁ ବିଭିନ୍ନ ସ୍ଥାନର ଦ୍ୱାରସ୍ଥ ହେବା ପରେ ନିଜ ଦେହରେ ନିଆଁ ଲଗାଇଥିଲେ । ଘଟଣାକୁ ସପ୍ତାହେ ନ ପୁରୁଣୁ ପୁଣି ଏକ ଘଟଣା ତାଙ୍କୁ ମର୍ମାହତ କରିଛି ।

ମହିଳାମାନଙ୍କ ବିରୋଧରେ ଏପରି ଘଟଣା ଏବେ ପ୍ରାୟ ପ୍ରତିଦିନ ଘଟୁଛି । ଏହା କେବଳ ପ୍ରାୟୋଗିକ ହିଂସାର ଘଟଣା ନୁହେଁ। ଏପରି ଘଟଣାଗୁଡିକ *(ପୃଷ୍ଠା ୭ରେ)*

## ଅପରାଧୀଙ୍କୁ ସୁରକ୍ଷା ଦେଉଛି ଟିଏମ୍‌ସି



କୋଲାକାତା, ୧୯।୭

କୋଲକାତାରେ ନିକଟରେ ହୋଇଥିବା ଗଣଦୁଷ୍କର୍ମ ମାମଲା ନେଇ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃଣମୂଳ କଂଗ୍ରେସ ଉପରେ ପ୍ରବଳ ବର୍ଷିଛନ୍ତି । ଟିଏମ୍‌ସି ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି ଏବଂ ପଶ୍ଚିମବଙ୍ଗର ବିକାଶରେ ବାଧା ସୃଷ୍ଟି କରୁଛି ବୋଲି ମୋଦୀ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଶନିବାର ପଶ୍ଚିମବଙ୍ଗରେ ୫,୪୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଦୁର୍ଗାପୁରରେ ଏକ ରାଲିରେ ଉଦ୍‌ବୋଧନ ଦେଇ ମୋଦୀ କହିଛନ୍ତି, ଆପଣମାନେ ସମସ୍ତେ ଦେଖିଛନ୍ତି ଜଣେ ଯୁବ ଡାକ୍ତର କିଭଳି ଏଠାରେ ନିର୍ମମ ଅତ୍ୟାଚାରର ଶିକାର ହୋଇଛନ୍ତି । ଏଠି ଟିଏମ୍‌ସି ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଛି।

### ମୁଖ୍ୟମନ୍ତ୍ରୀଙ୍କ ବଡ ଘୋଷଣା
## ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଏହା କାର୍ଯ୍ୟ କରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆମ ସରକାର ଏକ ନନ୍ ନେଗେଟିବଲ ପଲିସି ଗ୍ରହଣ କରିଛି। ସମାଜର ବିଭିନ୍ନ ସ୍ଥାନରେ ନାରୀମାନଙ୍କ ପ୍ରତି ଅତ୍ୟାଚାରକୁ ରୋକିବା ପାଇଁ ଆମ ସରକାର ପ୍ରତିବଦ୍ଧ। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ରାଜ୍ୟ ସରକାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବିଗତ ଦିନମାନଙ୍କରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟୁଛି, ସେହିଭଳି ଘଟଣାକୁ ରୋକିବା ପାଇଁ, ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା



କରାଯାଇଛି । ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ'। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହା କାର୍ଯ୍ୟକାରୀ କରାଯିବ।

ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ *(ପୃଷ୍ଠା ୭ରେ)*

## ଟ୍ରମ୍ପଙ୍କ ବଡ଼ ଦାବି: ଭାରତ-ପାକିସ୍ତାନ ଲଢେଇରେ ଖସିଥିଲା ୫ ଯୁଦ୍ଧ ବିମାନ

ନୂଆଦିଲ୍ଲୀ, ୧୯।୭

ଦୁଇ ଆଣବିକ କ୍ଷମତା ସମ୍ପନ୍ନ ଦେଶ ପରସ୍ପର ଉପରେ ଘନଘନ ଆକ୍ରମଣ କରିଥିଲେ । ୪ରୁ ୫ ଯୁଦ୍ଧ ବିମାନ ମଧ୍ୟ ଲଢ଼େଇ ବେଳେ ଖସିଥିଲା।

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ତୀବ୍ର ବିବାଦକୁ ସମାଧାନ କରିଥିବା ନେଇ ପୁଣି ଥରେ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏଥିସହ ଅପରେସନ ସିନ୍ଦୂରକୁ ନେଇ ନୂଆ ଦାବି ମଧ୍ୟ କରିଛନ୍ତି । ତାଙ୍କ କହିବା କଥା ଯେ ଦୁଇ ଆଣବିକ କ୍ଷମତା ସମ୍ପନ୍ନ ଦେଶ ପରସ୍ପର ଉପରେ ଘନଘନ ଆକ୍ରମଣ କରୁଥିଲେ। ୪ରୁ



୫ ଯୁଦ୍ଧ ବିମାନ ମଧ୍ୟ ଲଢ଼େଇ ବେଳେ ଖସିଥିଲା। ବାଣିଜ୍ୟ ଆଲୋଚନା ଦ୍ୱାରା ବିବାଦ ସମାଧାନ ହୋଇଥିଲା । କିନ୍ତୁ ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ଭୟଙ୍କର ଲଢ଼େଇ ହୋଇଥିଲା ବୋଲି ଟ୍ରମ୍ପ କହିଛନ୍ତି। ନିଜ ଦଳ ରିପବ୍ଲିକାନର ସାଂସଦମାନଙ୍କ ସହ ଟ୍ରମ୍ପ ଗୋଟିଏ ଘରୋଇ ଡିନର *(ପୃଷ୍ଠା ୭ରେ)*

### ରଥଯାତ୍ରାରେ ଦଳାଚକଟା ଘଟଣା
## ବରିଷ୍ଠ ପୁଲିସ୍ ଅଧିକାରୀଙ୍କଠାରୁ ବୟାନ ଗ୍ରହଣ କଲେ ଉନ୍ନୟନ କମିଶନର

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଗତ ଜୁନ୍ ୨୯ ତାରିଖରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣାରେ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ଠାରୁ ଘଟଣା ସମ୍ପର୍କରେ ବୟାନ ଗ୍ରହଣ କରିଛନ୍ତି ।

ଏ ସମ୍ପର୍କରେ ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ଦାୟିତ୍ୱରେ ଥିବା ୫ ଜଣ ବରିଷ୍ଠ ପୁଲିସ୍ ଅଧିକାରୀ ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟଠାରେ ଉନ୍ନୟନ କମିଶନରଙ୍କ ଶୁଣାଣି ପରିପ୍ରେକ୍ଷୀରେ ସାକ୍ଷାତ କରିଥିଲେ । ସେମାନଙ୍କ ଠାରୁ ବୟାନ ରେକର୍ଡଭୁକ୍ତ କରାଯାଇଛି ।

## ନିବନ୍ଧନ କାର୍ଯ୍ୟରେ ୮୮ % ଅନୁକୂଳ ମତ

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ସରକାର ରାଜ୍ୟରେ ପଞ୍ଜିକରଣ ବ୍ୟବସ୍ଥାରେ ପ୍ରଯୁକ୍ତି ବିଦ୍ୟା, ପ୍ରଣାଳୀଗତ ପ୍ରକ୍ରିୟାର ପୁନର୍ଗଠନ ଓ ସେବା ପ୍ରଦାନ ପଦ୍ଧତିରେ ଆନ୍ତରିକତା ଓ ସ୍ୱଚ୍ଛତାର ସହ ଏକ ଉତ୍ତମ ରାଜସ୍ୱ ପ୍ରଶାସନର ଯୁଗ ଆରମ୍ଭ କରିଛନ୍ତି । ପୂର୍ବରୁ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ପଞ୍ଜିକରଣ କାର୍ଯ୍ୟ ପାଇଁ ଆସୁଥିବା ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଯଥେଷ୍ଟ ସନ୍ତୋଷଜନକ ନଥିଲା ଏବଂ ସେମାନଙ୍କୁ ପ୍ରଦାନ କରାଯାଉଥିବା ସେବାର ଗୁଣବତ୍ତା ଦ୍ୱାରା ସେମାନେ ନିରାଶ ହେଉଥିଲେ । ତେଣୁ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସଂସ୍କାର ଏବଂ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହେଲା । ବର୍ତ୍ତମାନର ବ୍ୟବସ୍ଥା ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଛି । ପରିବର୍ତ୍ତନ ଉପରେ ଆଧାରିତ ନିବନ୍ଧନ ବ୍ୟବସ୍ଥା ସାଧାରଣ ଜନତାଙ୍କ ମତାମତ ଦୃଷ୍ଟିକୋଣରୁ ସନ୍ତୋଷଜନକ ପ୍ରତ୍ୟୟ ହେଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆୟୋଜିତ *(ପୃଷ୍ଠା ୭ରେ)*

## ୨୪ରେ ପୁଣି ଏକ ଲଘୁଚାପ

ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୪ ତାରିଖରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ୨୩ରୁ ୨୫ ଯାଏଁ ବର୍ଷା ସମ୍ଭାବନା ରହିଛି । ଉତ୍ତର ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ସେହିପରି ଆହୁରି ୫ ଦିନ ବର୍ଷା ଲାଗି ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଏକାଳ ପଖାଳ



ନିଜ ସନ୍ତାନକୁ ଶିକ୍ଷା ଦୀକ୍ଷା ଦିଅ
ସଂସ୍କାର ଦେଇକି ଗଢ
ସଂସ୍କୃତି ସଂସ୍କାର ଉଚିତ ପାଇଲେ
ପ୍ରସ୍ଫୁଟିତ ହେବ କଢ
ଏଇ ସମାଜରେ ଯେତେ ଗାଡ
ଲୋଲୁପ ଆଖି ସବୁ ବନ୍ଦ ହେବ
ମାତାପିତା ବାନ୍ଧିଦେଲେ ବାଡ ।

## ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା




ଭୁବନେଶ୍ୱର, ୧୯।୭ : ନ୍ୟୁଜ୍ ବ୍ୟୁରୋ

ଶନିବାର ଭୁବନେଶ୍ୱରର ଖାରବେଳ ଭବନରେ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ବିଷୟବସ୍ତୁ ଉପରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଶାସନ ସଚିବ ଉଷା ପାଢୀ, ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀମତୀ ପାଢ କହିଥିଲେ ଯେ, ସମୟୋଚିତ ବିତରଣ ଏବଂ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ପାଇଁ ଦୃଢ଼ ସଂସ୍ଥାଗତ କ୍ଷମତା, ତଥ୍ୟ-ଚାଳିତ ଶାସନ ଏବଂ ବିଭାଗ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ରିଅଲ୍-ଟାଇମ୍ ଡ୍ୟାସବୋର୍ଡ, ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ଏବଂ ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଏକ ସମ୍ପୂର୍ଣ୍ଣ-ସରକାରୀ ଆଭିମୁଖ୍ୟ ଭଳି ଯନ୍ତ୍ରପାତିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା।

ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ଉଭୟ ବିଭାଗକୁ ନିର୍ଦ୍ଦିଷ୍ଟ ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି କର୍ମଶାଳାରେ ବାଣିଜ୍ୟ ଓ *(ପୃଷ୍ଠା ୭ରେ)*

## ୟୁରୋପୀୟ ସଂଘର ନୂଆ ପ୍ରତିବନ୍ଧକକୁ ନେଇ ମୁହଁ ଖୋଲିଲା ଭାରତ

ନୂଆଦିଲ୍ଲୀ, ୧୯।୭

ୟୁରୋପୀୟ ସଂଘ (ଇୟୁ) ପକ୍ଷରୁ ଋଷିଆ ବିରୋଧରେ ଲାଗୁ କରାଯାଇଥିବା ନୂଆ ପ୍ରତିବନ୍ଧକ ଓ ସେକେଣ୍ଡାରୀ ସାଙ୍କସନ ଧମକ ଉପରେ ଭାରତ କଠୋର ଆଭିମୁଖ୍ୟ ପୋଷଣ କରିଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ସ୍ପଷ୍ଟ ରୂପେ କହିଛନ୍ତି ଯେ ଭାରତ କୌଣସି ୟୁନିଲେଟରାଲ ସାଙ୍କସନ ଅର୍ଥାତ ଏକପାଖିଆ ପ୍ରତିବନ୍ଧକକୁ ସ୍ୱୀକାର କରେନା ଓ ଦେଶର ଉର୍ଜା ସୁରକ୍ଷାକୁ ସବୁଠୁ ଉଚ୍ଚ ପ୍ରାଥମିକତା ଦେଇଥାଏ।

ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି ଯେ ୟୁରୋପୀୟ ସଂଘ ଦ୍ୱାରା ଘୋଷିତ ପ୍ରତିବନ୍ଧକକୁ ଆମେ ନୋଟ୍ କରିଛୁ।



ତେବେ ଭାରତ କୌଣସି ପ୍ରକାର ଏକପାଖିଆ ନିଷ୍ପତ୍ତିକୁ ସ୍ୱୀକାର କରିବନି ବୋଲି ସେ ସଫାସଫା କହିଛନ୍ତି। ମୁଖପାତ୍ର କହିଛନ୍ତି ଯେ ଆମେ ଏକ ଦାୟିତ୍ୱସମ୍ପନ୍ନ ଦେଶ ଓ ଆମେ ଆମର ଆଇନଗତ ଦାୟିତ୍ୱ ପ୍ରତି ପୂର୍ଣ୍ଣ ରୂପେ ସଂକଳ୍ପବଦ୍ଧ। ଭାରତ ସରକାର ଉର୍ଜା ସୁରକ୍ଷାକୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି, ଯାହା ଦ୍ୱାରା ଆମେ ଆମର *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ଅତିଧନୀଙ୍କ ସଂଖ୍ୟା ୧୩,୨୬୩

୨୦୨୩ ଏବଂ ୨୦୨୮ ମଧ୍ୟରେ ଭାରତରେ ଅତିଧନୀ ବା ହାଇ ନେଟ୍‌ୱର୍ଥ ଇଣ୍ଡିଭିଜୁଆଲ(ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ)ଙ୍କ ସଂଖ୍ୟା ୫୦% ବଢ଼ିବ । ଏହା ସମଗ୍ର ବିଶ୍ୱରେ ହେବ ଦ୍ରୁତ ଅଭିବୃଦ୍ଧି । ମ୍ୟାକ୍‌କିନ୍‌ସେ ଆଣ୍ଡ କମ୍ପାନୀ ଏବଂ ବିଏଏଫ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ଏହି ଅନୁମାନ କରାଯାଇଛି ।

୩ କୋଟି ଡଲାର ବା ତଦୁର୍ଦ୍ଧ୍ୱ ନେଟ୍ ସମ୍ପତ୍ତି ଥିବା ବ୍ୟକ୍ତିଙ୍କୁ ଅତିଧନୀ କୁହାଯାଇଥାଏ । ୨୦୨୩ ସୁଦ୍ଧା ଭାରତରେ ଏହି ବର୍ଗଙ୍କ ସଂଖ୍ୟା ଥିଲା ୧୩,୨୬୩ । ୨୦୨୨ ତୁଳନାରେ ଏଥିରେ ୬.୧% ବୃଦ୍ଧି ଘଟିଥିଲା । ଦ ଷ୍ଟେଟ୍ ଅଫ୍ ଫ୍ୟାଶନ୍ ଲକ୍‌ଜ୍ୟୁରୀ ରିପୋର୍ଟ ଅନୁସାରେ, ଜନସଂଖ୍ୟା ଏବଂ ସଂରଚନାତ୍ମକ ପରିବର୍ତ୍ତନଗୁଡ଼ିକ ଦ୍ୱାରା ୨୦୨୫ରେ ଭାରତୀୟ ଲକ୍‌ଜ୍ୟୁରୀ ବଜାରରେ ୧୫ରୁ ୨୦% ଅଭିବୃଦ୍ଧି ଅନୁମାନ ରହିଛି । ଏହା ମୁତାବକ ଜିଓ ୱାର୍ଲ୍ଡ ପ୍ଲାଜା ଏବଂ ଗ୍ୟାଲେରିଜ୍ ଲାଫାୟେଟ୍ ଭଳି ନୂଆ ଲକ୍‌ଜ୍ୟୁରୀ ମଲ୍ ଏବଂ ଡିପାର୍ଟମେଣ୍ଟାଲ ଷ୍ଟୋର ଟିୟର ଥ୍ରୀ ସହରରେ ଲକ୍‌ଜ୍ୟୁରୀ ରିୟଲ୍ ଇଷ୍ଟେଟ୍‌କୁ ବଢ଼ାଉଛି । ଏଥିରେ ଆହୁରି କୁହାଯାଇଛି ଯେ, ଯଦିଓ ବିଳାସ ସାମଗ୍ରୀରେ ୨୮% ସାମଗ୍ରୀ ଏବଂ ସେବା ଟିକସ ବା ଜିଏସ୍‌ଟି ରହିଛି ତଥାପି ୭,୦୦,୦୦୦ ଟଙ୍କା ବା ୮,୪୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଆମଦାନି ସାମଗ୍ରୀଗୁଡ଼ିକ ଉପରେ ବର୍ଦ୍ଧିତ ଟିକସ ଦ୍ୱାରା ଘରୋଇ ବ୍ୟୟ ବଢ଼ିବ। ଏହା ଲକ୍‌ଜ୍ୟୁରୀ ବଜାରକୁ ତ୍ୱରାନ୍ୱିତ କରିବ ।

ରିପୋର୍ଟ ମୁତାବକ, ଭାରତ ତୁଳନାରେ ଜାପାନର ଲକ୍‌ଜ୍ୟୁରୀ ବଜାରରେ ୨୦୨୫ରେ ୬ରୁ ୧୦% ଅଭିବୃଦ୍ଧି ଦେଖାଦେବ । ଏଥିସହିତ ଏକ ପ୍ରମୁଖ ଲକ୍‌ଜ୍ୟୁରୀ ବଜାର ଭାବେ ଜାପାନ ଏହାର ସ୍ଥାନ ବଜାୟ ରଖିବ । ଜାପାନର ଲକ୍‌ଜ୍ୟୁରୀ ବଜାରରେ ବୃଦ୍ଧି ଘରୋଇ ଚାହିଦା ଏବଂ ପର୍ଯ୍ୟଟନ ଖର୍ଚ୍ଚ ଉଭୟ ଦ୍ୱାରା ପ୍ରେରିତ ହେବ । ନିକଟରେ ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ଘୋଷଣା କରିଥିଲେ ଯେ, ଭାରତ ଜାପାନଠାରୁ ପାର ହୋଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ତଥ୍ୟକୁ ଦର୍ଶାଇ ସେ କହିଥିଲେ ଯେ, ଭାରତର ଅର୍ଥବ୍ୟବସ୍ଥା ୪ ଟ୍ରିଲିୟନ ଡଲାରରେ ପହଞ୍ଚିଯାଇଛି । ରିପୋର୍ଟ ଅନୁସାରେ, ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ବା ଅତିଧନୀ ଜନସଂଖ୍ୟାରେ ଜାପାନ ଏସିଆର ଦ୍ୱିତୀୟ ବୃହତ୍ ରାଷ୍ଟ୍ର । ୨୦୨୩ରୁ ୨୦୨୮ ମଧ୍ୟରେ ଏଠାରେ ଅତିଧନୀଙ୍କ ସଂଖ୍ୟା ୧୨% ବଢ଼ିବା ନେଇ ଅନୁମାନ କରାଯାଇଛି । ଅନ୍ୟପକ୍ଷରେ, ଭାରତରେ ୟୁଏଚ୍‌ଏନ୍‌ଡବ୍ଲ୍ୟୁଆଇ ଅଭିବୃଦ୍ଧି ଜାପାନଠାରୁ ଅଧିକ ରହିବ ।

ଆଇଏମ୍ଏଫ୍‌ର ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟ ରିପୋର୍ଟର ଏପ୍ରିଲ ସଂସ୍କରଣରେ କୁହାଯାଇଥିଲା ଯେ, ଆର୍ଥିକବର୍ଷ ୨୦୨୫–୨୬ ପାଇଁ ଭାରତର ନୋମିନାଲ ଜିଡିପି ପ୍ରାୟ ୪.୧୮୭ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିପାରେ । ଏହା ଜାପାନର ସମ୍ଭାବ୍ୟ ଜିଡିପିଠାରୁ ସାମାନ୍ୟ ଅଧିକ, ଯାହାର ଅନୁମାନ ରହିଛି ୪.୧୮୬ ଟ୍ରିଲିୟନ ଡଲାର ।

ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷରେ ଲକ୍‌ଜ୍ୟୁରୀ ଶିଳ୍ପ ଅସାଧାରଣ ମୂଲ୍ୟସୃଜନ ଅବଧିକୁ ଅନୁଭବ କରିଛି । ୨୦୧୯ ଏବଂ ୨୦୨୩ ମଧ୍ୟରେ ଭାରତରେ ବ୍ୟକ୍ତିଗତ ଲକ୍‌ଜ୍ୟୁରୀ ସାମଗ୍ରୀ, ଫ୍ୟାଶନ୍, ହ୍ୟାଣ୍ଡ୍‌ବ୍ୟାଗ୍, ହାତଘଡ଼ି ଏବଂ ଆଭୁଷଣର ବୃହତ୍ ଚାହିଦା ଦେଖିବାକୁ ମିଳିଛି । ଚାହିଦା ଅନୁସାରେ ଯୋଗାଣ ବୃଦ୍ଧି ସହିତ ଏହା ଆଗକୁ ବାର୍ଷିକ ୫% ଚକ୍ରବୃଦ୍ଧି ଅଭିବୃଦ୍ଧି ସହ ବଢ଼ିବ ବୋଲି ଅନୁମାନ କରାଯାଇଛି । ଲକ୍‌ଜ୍ୟୁରୀ ବ୍ରାଣ୍ଡ୍‌ଗୁଡ଼ିକ ବିଶ୍ୱ ବଜାରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି ଏବଂ ବୃହତ୍ ମାତ୍ରାରେ ଲାଭ ଯୋଡ଼ିଛନ୍ତି। କିନ୍ତୁ ୨୦୨୫ରେ ଏଯାବତ୍ ଶିଳ୍ପ ସାମାନ୍ୟ ଧୀମା ରହିଛି । ଶୀର୍ଷ ବ୍ରାଣ୍ଡଗୁଡ଼ିକ ବି ପ୍ରଭାବିତ ହୋଇଛନ୍ତି । ଲକ୍‌ଜ୍ୟୁରୀ ମୂଲ୍ୟ ସୃଜନ କମିଛି । ଏହାସତ୍ତ୍ୱେ ଆଗକୁ ଲକ୍‌ଜ୍ୟୁରୀ ବଜାରରେ ବଡ଼ ଧରଣର ପରିବର୍ତ୍ତନ ଆସିବ ବୋଲି ଅନୁମାନ କରାଯାଇଛି ।

ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର,
ଭୁବନେଶ୍ୱର – ୨୪
ମୋ : ୯୯୩୭୫୩୭୯୭୪

# ପୀଡ଼ିତାଙ୍କୁ ନ୍ୟାୟ ସମ୍ପର୍କରେ

ବିଭିନ୍ନ କାରଣରୁ ଆମ ଦେଶର ନାରୀ, ପୁରୁଷ, ଶିଶୁ, ଯୁବା, ବୃଦ୍ଧ ବୃଦ୍ଧା, ଛାତ୍ର ଛାତ୍ରୀ ଶାରୀରିକ କିମ୍ବା ମାନସିକ ସ୍ତରରେ ନିର୍ଯାତନା ପାଇ ନିଜକୁ ଅସହାୟ ମଣୁଛନ୍ତି । ଆମ ସମାଜ କିମ୍ବା ଶାସନ ସେତିକି ସମୟୋଚିତ ସୁରକ୍ଷା ଦେବାପାଇଁ ସାମର୍ଥ୍ୟ ଦେଖାଇ ପାରୁନଥିବା ପରିଲକ୍ଷିତ ହେଉଛି । ଭାରତର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏଭଳି ସମସ୍ୟା ଦେଖାଯାଉଛି । କେଉଁଠି ଯୌତୁକ ଜନିତ ନିର୍ଯାତନା, ଶାଶୁ ନଣନ୍ଦଙ୍କର ବଧୂ ନିର୍ଯାତନା ତ, କେଉଁଠି ବୃଦ୍ଧ ପିତାମାତାଙ୍କ ଉପରେ ପୁତ୍ର – ପୁତ୍ରବଧୂଙ୍କ ଅକଥନୀୟ ତାଡନା, ପୁଣି କେଉଁଠି ତରୁଣ / ଯୁବା ବୟସରେ ପ୍ରେମୀ ଯୁଗଳଙ୍କ ମଧ୍ୟରେ ବ୍ଲାକ୍ ମେଲିଂ ତ, କେବେ ଏକ ତରଫା ପ୍ରେମ ବ୍ୟାପାରରେ ଅସଦାଚରଣ, ଏପରିକି ଅନେକ ସ୍ଥଳରେ ଅନିଚ୍ଛାକୃତ ଭାବେ ଲମ୍ପଟ ବ୍ୟଭିଚାର ଜନିତ ଯୌନ – ନିର୍ଯାତନା ସାଙ୍ଗକୁ କେଉଁଠି ଧନ ସଂପତ୍ତି ମୋହ ତଥା ଲୁଣ୍ଠନ ପ୍ରକ୍ରିୟାରେ ଅତ୍ୟନ୍ତ ଅମାନୁଷିକ ନିର୍ଯାତନା ଦିଆଯାଉଥିବା ଆଜିର ବହୁ ଚର୍ଚ୍ଚିତ ପ୍ରସଙ୍ଗ ପାଲଟି ଯାଇଛି ।

ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପ୍ରକାର ତାଡନା ଅଥବା ନିର୍ଯାତନା ସମାଜ ଜୀବନକୁ ଅତ୍ୟନ୍ତ ଦୁର୍ବିସହ କରି ଦେଇଛି । ବିଶେଷ କରି ସମାଜରେ ନାରୀ ଏବଂ ଶିଶୁ ତଥା ବୟସ୍କ ମାନଙ୍କ ଦୈନନ୍ଦିନ ଜୀବନ ଉପରେ ଏପରି ପୀଡ଼ାର ପ୍ରଭାବ କେବଳ ସେମାନଙ୍କୁ ନୁହେଁ, ବରଂ ସମାଜ ଜୀବନକୁ ବହୁ ଭାବରେ ଆକ୍ରାନ୍ତ କରୁଛି ।

ଆମ ରାଜ୍ୟ ଓଡ଼ିଶାରେ ବିଗତ ଅନ୍ୟୁନ ଚାରି ଦଶନ୍ଧି ଧରି ସଂଘଟିତ ହୋଇଥିବା ପ୍ରସଙ୍ଗ ମଧ୍ୟରୁ ତତ୍‌କାଳୀନ ଚର୍ଚ୍ଚିତ ପ୍ରସଙ୍ଗ 'ଛବିରାଣୀ ହତ୍ୟାକାଣ୍ଡ' ଠାରୁ ଆରମ୍ଭ କରି ସଂପ୍ରତି ସଦ୍ୟ ସ୍ପର୍ଶକାତର ପ୍ରସଙ୍ଗ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ପର୍ଯ୍ୟନ୍ତ ପର୍ଯ୍ୟାଲୋଚନା କଲେ, ଗୋଟିଏ ବିଶେଷ ଉପଲବ୍ଧି ହୃଦୟକୁ ଆନ୍ଦୋଳିତ କରେ କି, ପୀଡ଼ିତାଙ୍କୁ ନ୍ୟାୟ କଣ, କେତେ ପରିମାଣ, କିଏ ଦେବ ଓ କିପରି ଦିଆଯିବ? ଏ ସମ୍ପର୍କରେ ବିବିଧ ସମୀକ୍ଷା, ଆଲୋଚନା, ବିତର୍କ, ଦାବି, ହରତାଳ, ଦଙ୍ଗା ହଂଗାମା, ଆରୋପ, ପ୍ରତ୍ୟାରୋପ ଏବଂ ତଦନ୍ତ, ଅନୁଶୀଳନ, ବିଚାର ପ୍ରକ୍ରିୟା ବଳରେ ଏମିତିକା ସାମାଜିକ ସ୍ଖଳନକୁ ଏପର୍ଯ୍ୟନ୍ତ ରୋକାଯାଇ ପାରିଛି କି ? ବରଂ ଜଘନ୍ୟ ଅପରାଧ ମୁଣ୍ଡ ଟେକିଛି । ବର୍ବର ଅମାନୁଷିକ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଦରଦୀ ସମବେଦନା ପରିବର୍ତ୍ତେ ରାଜନୈତିକ ଅଙ୍କକଷାର ଦ୍ୱନ୍ଦ୍ୱମୟ ପରିବେଶ ସୃଷ୍ଟି କରାଯାଉଛି । ବିଚିତ୍ର ଏ ବ୍ୟବସ୍ଥାର ଧାରା !!

ସଦ୍ୟ ସଂଘଟିତ ବହୁ ଚର୍ଚ୍ଚିତ ପୀଡ଼ିତା ପ୍ରସଙ୍ଗଟି ସାରା ରାଜ୍ୟକୁ ସ୍ତମ୍ଭିଭୂତ କରିଦେଇଛି । ପୁଣି ଏହା ଦେଶର କୋଣ ଅନୁକୋଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଏହି ଘଟଣାକ୍ରମରେ ପୀଡ଼ିତାଙ୍କ ବୟାନକୁ ଆଧାର କରି ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ସମ୍ବେଦନଶୀଳ ପ୍ରସଙ୍ଗକୁ ବିଭିନ୍ନ ମହଲରେ ଏଭଳି ଚର୍ଚ୍ଚା କରାଯାଉଛି ଯେ, ତହିଁର ନିର୍ଦ୍ଦିଷ୍ଟ ନିଷ୍କର୍ଷ ମିଳିବା ପ୍ରାୟତଃ 'ଫ୍ୟାକ୍ଟ ଇଜ୍ ଟୁ ହାଭିଂ ନୋ କ୍ଲୁ' ସଦୃଶ ପ୍ରସ୍ତୁତିକୁ ଇଙ୍ଗିତ କରୁଛି ଯେମିତି ?

ସଂକ୍ଷିପ୍ତରେ ପ୍ରସଙ୍ଗଟିକୁ ନିମ୍ନମତେ ଅନୁଧ୍ୟାନ କରାଯାଇ ପାରେ । ପୀଡ଼ିତା ସଂପୃକ୍ତ ଶିକ୍ଷାନୁଷ୍ଠାନରେ ଦୁଇବର୍ଷ ଧରି ଅଧ୍ୟୟନ କରୁଥିଲେ। ମେଧା ଓ ନେତୃତ୍ୱ ଦକ୍ଷତା ଥିଲା। ଏକ ଛାତ୍ର ସଂଗଠନ ସହିତ ସକ୍ରିୟ ସଂପୃକ୍ତି ତାଙ୍କୁ ଚର୍ଚ୍ଚା ପରିସରକୁ ଟାଣିଥିଲା । ବୟାନ ଅନୁସାରେ ଅଭିଯୁକ୍ତ ଅଧ୍ୟାପକ ଜଣକ ଏହି ସାଂଗଠନିକ କାର୍ଯ୍ୟକଳାପକୁ ଆଳ କରି ତାଙ୍କ ପ୍ରତି ଅନୈତିକ ଆଚରଣ ପ୍ରଦର୍ଶନ କରିଥିଲେ । ପୁଣି କୁହାଯାଉଛି କି, ମାନସିକ ହେଉ କି, ଶାରୀରିକ ଭାବେ ସେ ଯୌନ ଶୋଷଣର ଶିକାର ହୋଇଥିଲେ । ଏପରିକି, ପ୍ରକାରାନ୍ତରେ ତାଙ୍କୁ ଅଧ୍ୟୟନ ପ୍ରବୃତ୍ତି କ୍ଷେତ୍ରରେ ପ୍ରତିହତ କରାଯିବା, ସାମାଜିକ ସ୍ତରରେ ଅପନିନ୍ଦିତ କରାଯିବା ଭଳି ଧମକପୂର୍ଣ୍ଣ ସମ୍ଭାଷଣ ସହିତ ବାରମ୍ବାର ମାନସିକ ଯୌନ ନିର୍ଯାତନା ଯୋଗୁଁ ସେ ଅତିଷ୍ଠ ହୋଇ ପଡ଼ିଥିଲେ । ଅଗ୍ରଣୀ ଆଭିମୁଖ୍ୟ ଥିବା ତାରୁଣ୍ୟ ତାଙ୍କୁ ଦ୍ୱିବିଧାରେ ପକାଇଥିଲା । ପାରିବାରିକ ପରିବେଶ ସନ୍ତୁଳନ ରକ୍ଷା ଏବଂ ବିଦ୍ୟା ଅଧ୍ୟୟନର ଏକାନ୍ତ ଅଭିଳାଷ ହୁଏତ, ପିତାମାତା କିମ୍ବା ଅଭିଭାବକଙ୍କ ସମ୍ମୁଖରେ ନିର୍ବିଘ୍ନରେ ପ୍ରଖ୍ୟାପନ କରିବାକୁ ସଙ୍କୋଚ ଲାଗିଥିଲା ତାଙ୍କୁ । ହେଲେ ପ୍ରତ୍ୟୁତ୍ପନ୍ନମତି ଏହି ମେଧାବୀ ଛାତ୍ରୀ ଜଣକ ମନର ପୀଡ଼ା /କୋହକୁ କେତେଦିନ ଅବଦମିତ କରି ରଖି ପାରିଥାନ୍ତେ ?


ହୃଦୟ ଭିତରେ ଆଶା – ଆଶଙ୍କାର ଯୁଗପତ୍ ଆନ୍ଦୋଳନ ଭିତରେ ପୀଡ଼ିତା ଛାତ୍ରୀର ସଂଗ୍ରାମୀ ଚେତନା ଜାଗି ଉଠିଲା । ନିଜପାଇଁ ନ୍ୟାୟ ଭିକ୍ଷା, ନାରୀ ସୁରକ୍ଷା, ଆଶ୍ୱାସନା ଏବଂ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷ, ପ୍ରଶାସନ, ସରକାର ତଥା ପ୍ରମୁଖ ରାଜନୈତିକ ନେତୃବୃନ୍ଦ, ସାମାଜିକ ଗଣ ମାଧ୍ୟମ ଆଦିଙ୍କୁ ଅବଗତ କରିଥିଲେ ସେ । ସେହିସବୁ ଆବେଦନ ବ୍ୟର୍ଥ ହେଲା ଆଉ ଅଙ୍କୁରି ଉଠୁଥିବା ଆଶା ଅଚିରେ ମଉଳି ଗଲା । କେହି କର୍ଣ୍ଣପାତ କଲେ ନାହିଁ କି, ହେୟଜ୍ଞାନ ପୂର୍ବକ ନୈତିକ ମୂଲ୍ୟବୋଧକୁ ହେଜିଲେ ନାହିଁ । ସମ୍ଭାବନାମୟ ଭବିଷ୍ୟତର ସ୍ୱପ୍ନ ଉଜୁଡ଼ି ଯିବାର ଭୟ ଆଉ ଆଶଙ୍କିତ ସାମାଜିକ ପାରିପାର୍ଶ୍ୱିକ ଉତ୍ପୀଡନକୁ ଏକାକୀ ସାମ୍ନା କରିବାର ସାମର୍ଥ୍ୟ ହରାଇ ପୀଡ଼ିତା ଜଣକ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇ ଥାଇପାରନ୍ତି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାଲୋଚନା କଲାବେଳେ, କେହି କେହି ସ୍ଥାନ, କାଳ ଓ ପାତ୍ର ଆଧାରରେ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ଲଗାଉଛନ୍ତି । ଯେଉଁଠାରେ ଏହି ଦୁର୍ଘଟଣା ଘଟିଲା, ଯେଉଁ ସମୟରେ ଏବଂ ଯେଉଁ ମାନଙ୍କ ଉପସ୍ଥିତି ଏହାର ପ୍ରତ୍ୟକ୍ଷ ପ୍ରମାଣ, ତାହା ସିସି ଟିଭି ଫୁଟେଜ୍‌ରୁ ମିଳିବା କଥା । ତାହା ଯାଞ୍ଚ୍ କରାଯାଇ ଏବେ ସୁଦ୍ଧା ସାର୍ବଜନୀନ ହୋଇନାହିଁ କାହିଁକି ? ଅପର ପକ୍ଷରେ ଯେଉଁ ଛାତ୍ର ସଂଗଠନ ସହିତ ପୀଡ଼ିତା ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ, ତହିଁର କର୍ମକର୍ତ୍ତା, ସତୀର୍ଥ ସହଯୋଗୀ ତଥା ବିଦ୍ୟାର୍ଥୀ ସାଥୀ ସହଚରୀ ମାନଙ୍କ ଭୂମିକା କଣ ଥିଲା ? ପୀଡ଼ିତାଙ୍କ ସମ୍ପୂର୍ଣ୍ଣ ଘଟଣା କ୍ରମ ସମ୍ପର୍କରେ ସେମାନଙ୍କ ମଧ୍ୟରୁ କେହି ଅବଗତ ଥିଲେ କି ନାହିଁ ? ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ ନେବାକୁ କର୍ତ୍ତୃପକ୍ଷ କୁଣ୍ଠା ପ୍ରକାଶ କରୁଥିବା, ଟାଳଟୁଳ ନୀତି ଅବଲମ୍ବନ କରୁଥିବା, ଅଭିଯୁକ୍ତ ଅଧ୍ୟାପକଙ୍କ ପତିଆରାକୁ ପ୍ରମାଣିତ କରୁନାହିଁକି ? ତଦୋପରି ପୀଡ଼ିତାଙ୍କ ଅଭିଯୋଗ ଦ୍ୱାରା ସଂପୃକ୍ତ ଅନୁଷ୍ଠାନର ସମ୍ମାନ କ୍ଷୁର୍ଣ୍ଣ ହେବାର ଦ୍ୱାହି ଦେବା ନ୍ୟାୟିକ ପ୍ରକ୍ରିୟାରେ ଅନ୍ତରାୟ ନୁହେଁ କି ?

ଯେଉଁମାନଙ୍କ ହସ୍ତକ୍ଷେପରେ ଘଟଣାର ସମାଧାନ ହୋଇ ପାରିଥାନ୍ତା କିମ୍ବା ଏଭଳି ଅଘଟଣ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା, ସେମାନେ ଜାଣି ନଜାଣିଲା ପରି ଆଉ ସବୁ ଶୁଣି ନଶୁଣିଲା ପରି ଅବହେଳା ପ୍ରଦର୍ଶନ କରିବା ହେତୁ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ଏବଂ ତାଙ୍କ ଆକସ୍ମିକ ଆତ୍ମହତ୍ୟା ଜନିତ ମୃତ୍ୟୁ ପାଇଁ ଅଭିଯୁକ୍ତଙ୍କ ସମେତ ଏଇମାନେ ହିଁ ମୁଖ୍ୟତଃ ଦାୟୀ ବୋଲି ବିବେଚନା କରାଯାଉଥିବା ସ୍ୱାଭାବିକ। ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପିଢ଼ିର ଜଣେ ମେଧାବୀ ଛାତ୍ରୀକୁ ନିର୍ଯାତନା ଦେବା, ତାର ସମ୍ଭାବନାମୟ ସ୍ୱପ୍ନକୁ ଧୂଳିସାତ୍ କରିବାପାଇଁ ପ୍ରୟାସ ଜାରି ରଖିବା ଏବଂ ସର୍ବୋପରି ତାହା ପ୍ରତି ଲୋଲୁପ ଦୃଷ୍ଟି ନିକ୍ଷେପ କରିବା ଭଳି ଜଘନ୍ୟ ଅପରାଧରେ ଲିପ୍ତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଏପରି ଅବହେଳା କରାଯାଇ ଥାଇପାରେ ବୋଲି ଅନୁମେୟ । ପରେ କୁମ୍ଭୀର କାନ୍ଦଣା ସ୍ୱରୂପ ପୀଡ଼ିତାର ଅନ୍ତିମ ମୁମୂର୍ଷୁ ଅବସ୍ଥାରେ କେତେକ ଛାତ୍ର ସଂଗଠନ, ସହପାଠୀ, ଶୁଭେଚ୍ଛୁ,ବନ୍ଧୁ ବାନ୍ଧବ, ସାଇପଡିଶା ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳମାନଙ୍କ ଶସ୍ତା ବୟାନ ବାଜି, ଅଯଥା ଅନୁକମ୍ପା, ସରକାରୀ ପ୍ରତିଶ୍ରୁତି, ପ୍ରଶାସନିକ ଧୂମ୍ ଧଡାକ୍ ସବୁ ମିଶି 'ଫମ୍ପା ମାଠିଆର ଶବ୍ଦ' ଭଳି ପ୍ରତୀତ ହେଉଛି । ମୃତ୍ୟୁ ପରେ ପୀଡ଼ିତା ପରିବାରକୁ ଆର୍ଥିକ ସାହାଯ୍ୟ ଘୋଷଣା କରି ସରକାର ଦାୟିତ୍ୱ ସାରି ଦେଇଛନ୍ତି ବୋଲି କହିପାରନ୍ତି । କିନ୍ତୁ, ସତରେ କଣ ନ୍ୟାୟ ପାଇପାରିବ ପୀଡ଼ିତା ? ପ୍ରଶମିତ ହେବକି ତାର ଶରୀରର ତୀବ୍ର ଜ୍ୱଳନ ? ପୁଣି ଥରେ ଫେରି ଆସିବ କି ତାର ଜୀବନ, ଶରୀରରେ ସଞ୍ଚାରିତ ହେବକି ପ୍ରାଣଶକ୍ତି ? ବଞ୍ଚିବାର ଦୁରନ୍ତ ଅଭିଳାଷ ନେଇ ସେ ପରିବାରଜନଙ୍କ ପାଖରେ ଠିଆ ହୋଇ ପାରିବକି ନିର୍ବିଘ୍ନରେ ? ସଗର୍ବରେ ମଥା ଟେକି ଧାଇଁ ଯିବକି ସେ କଲେଜ୍ କ୍ୟାମ୍ପସ୍‌କୁ ଆଉଥରେ ତାର ନିଜ ସ୍ୱପ୍ନକୁ ସାକାର କରିବାପାଇଁ ? ଏଇଠାରେ ଗୋଟିଏ କଥା ସ୍ପଷ୍ଟ ଓ ନିର୍ବିବାଦ ଭାବରେ କୁହାଯାଇପାରେ କି, ତଦନ୍ତ ହେଉ, ବିଚାର ହେଉ, ସଂପୃକ୍ତ ସମସ୍ତ ଦୋଷୀଙ୍କୁ ଦଣ୍ଡ ମିଳୁ। ତାହା ସହିତ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଉଦ୍ୟମ ହେବା ଦରକାର । ଯେମିତିକି ଅବହେଳା କିମ୍ବା ଉଦାସୀନତା କାରଣରୁ ଏପରି ଜୀବନ ବିନାଶକାରୀ କୁତ୍ସିତ ଘଟଣାର ପୁନରାବୃତ୍ତି ନହେବ; ସେଥିପ୍ରତି ସାମାଜିକ, ଆନୁଷ୍ଠାନିକ ତଥା ସରକାରୀ ସ୍ତରରେ ସମସ୍ତେ ଯତ୍ନଶୀଳ ହେବା ବାଞ୍ଛନୀୟ । ସେଥିପାଇଁ ସୁସ୍ଥ ମାନସିକତା, ଉପଯୁକ୍ତ ଶୈକ୍ଷିକ ବାତାବରଣ, ସାମଗ୍ରିକ ସ୍ୱକୀୟ ଦାୟିତ୍ୱବୋଧ, ମାନବୀୟ ବିଚାରଧାରା, ସହଯୋଗ, ରାଜନୈତିକ ଐକାନ୍ତିକ ଇଚ୍ଛାଶକ୍ତି, ହୃଦୟବତ୍ତା ଏବଂ ପ୍ରଶାସନିକ ନୀତିଗତ ନିଷ୍ପତ୍ତି ନିଶ୍ଚିତ ଭାବେ ଆମ ସମାଜକୁ ସୁବ୍ୟବସ୍ଥିତ କରାଇପାରିବ। ଯେକୌଣସି ଉତ୍ପୀଡନରୁ ମଧ୍ୟ ମୁକ୍ତି ଦେଇପାରିବ ବୋଲି ଆଶା କରାଯାଇପାରେ ।

ମଦନ ମୋହନ ମହାପାତ୍ର
ଡ଼ି ୪୨୪, ଡ଼ି ଏଚ ପି ଏଲ
ସାହୁ ରେସିଡେନସି,
ରଙ୍ଗମାଟିଆ , ମଞ୍ଚେଶ୍ୱର,
ଭୁବନେଶ୍ୱର
ମୋ– ୯୮୯୨୦୦୦୨୨୪

# ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ

ବର୍ତ୍ତମାନ ବିଶ୍ୱ ଜନ ମାନସ ଆଗ ଭଳି ସାହିତ୍ୟାନୁରାଗୀ ନୁହଁ । ବର୍ତ୍ତମାନ ସାହିତ୍ୟ ପଛ ଧାଡିରେ । ଆଗରେ ଅଛି – ଏସ. ଟି. ଇ. ଏମ. – ( ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିଅରିଂ ଓ ମ୍ୟାଥମେଟିକ୍ସ ) ଆମେରିକା, ଚୀନ ଆଦି ବିକଶିତ ଦେଶ ମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଜିର ଦୁନିଆ ସହିତ ତାଳ ଦେଇ ନିଜକୁ ବଞ୍ଚାଇ ରଖିବାକୁ ହେଲେ ଏହା ଉପରେ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ ହେଇ ପଡିଛି । ଜେଡ ଜେନେରେସନର କ୍ୱଚିତ ପିଲା ( ୧୩ ରୁ ୨୮ ବର୍ଷ ବୟସ) କ୍ଲାସିକ ବା ସମସାମୟିକ ସାହିତ୍ୟ ପଢ଼ନ୍ତି ବା କୌଣସି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଜାଣନ୍ତି । କେବଳ ବେବି ବୁମର୍ସ ( ଜନ୍ମ ୧୯୪୬– ୧୯୬୪) ଏବଂ ଜେନ ଏକ୍ସ ( ଜନ୍ମ ୧୯୬୫– ୧୯୮୦ ) ମାନେ ସାହିତ୍ୟ ପାଠକ ବର୍ଗର ଅଟନ୍ତି ଅର୍ଥାତ ସାହିତ୍ୟ ଧାରାରେ ନୂଆ ପିଢ଼ିର ଉପସ୍ଥିତି ନଗଣ୍ୟ ଓ ଏହାର ପ୍ରଭାବ ଓଡିଶା ରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ । ଏଠାରେ ସାଧାରଣ ସାହିତ୍ୟ ପାଠକଙ୍କ ସଂଖ୍ୟା ଖୁବ କମ ଏବଂ ପ୍ରାୟତଃ ବୟସ୍କ କବି ଓ ଲେଖକ ମାନେ ହିଁ ପରସ୍ପରର କୃତି ପଢ଼ିବାର ଦେଖାଯାଇଥାଏ । ସାଧାରଣ ଲୋକଙ୍କର ସାହିତ୍ୟ ସହିତ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ ମିଡ଼ିଆର କିଛି ସୋପ ଅପେରା, ଲଘୁ ସଙ୍ଗୀତ, ଶସ୍ତା ଧାରାବାହିକ ଓ ଫର୍ମୁଲା ଚଳଚ୍ଚିତ୍ର ସହିତ ସୀମିତ ହେଇ ରହି ଯାଉଛି । ଅପର ପକ୍ଷରେ ଉନ୍ନତ ମାନର ଓଡ଼ିଆ ଚଳଚ୍ଚିତ୍ର, ଲଘୁ ସଙ୍ଗୀତ ଓ ଧାରାବାହିକ ଅଭାବରେ ଓଡ଼ିଶାର ଦର୍ଶକ ମାନଙ୍କ ନିକଟରେ ଦିନକୁ ଦିନ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର ଓ ଲଘୁ ସଙ୍ଗୀତର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଏ ତ ଗଲା ସାହିତ୍ୟ କଥା ଏବେ ଭାଷାକୁ ଆସିବା! ଏ ବିଷୟରେ ତର୍ଜମା କଲାବେଳେ ଓଡ଼ିଆ ଭାଷାର ଭବିଷ୍ୟତ ସେତେ ଉଜ୍ଜ୍ୱଳ ଦେଖାଯାଏ ନାହିଁ । ପୃଥିବୀର ପ୍ରାୟ ୮୨୨ କୋଟି ଲୋକଙ୍କ ଭିତରୁ ଇଂରାଜୀ ଭାଷା ଭାଷୀ ମାତ୍ର ୩୯ କୋଟି ବା ୪.୭ % କିନ୍ତୁ ପୃଥିବୀର ପାଖାପାଖି ୧୫୩ କୋଟି ଲୋକ ବା ୧୮.୬ % ଇଂରାଜୀ ଭାଷା ବ୍ୟବହାର କରନ୍ତି, ଯାହାକି ସର୍ବାଧିକ ବ୍ୟବହୃତ ଭାଷାର ମାନ୍ୟତା ପାଇ ଚାଲିଛି । ପ୍ରାୟ ୪.୭୦ କୋଟି ଓଡିଶା ଲୋକ ପୃଥିବୀ ଜନ ସଂଖ୍ୟାର ୦.୬ ଭାଗ ଅଟନ୍ତି ! କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୮୨ % ଭାଗ ଅର୍ଥାତ ୩.୮୫ କୋଟି ଲୋକଙ୍କର ମୁଖ୍ୟ ବ୍ୟବହୃତ ଭାଷା ଓଡ଼ିଆ ଅଟେ ଓ ଓଡିଶା ବାହାର ର ଖୁବ କମ ଲୋକ ଓଡ଼ିଆ ବୁଝି ପାରନ୍ତି। ଦିନକୁ ଦିନ ଅଣ ଇଂରାଜୀ ଭାଷୀ ଦେଶ ( ଭାରତ, ଚୀନ, ଜର୍ମାନ, ନେଦରଲାଣ୍ଡ, ଅନ୍ୟାନ୍ୟ ଏସୀୟ ଏବଂ ଆଫ୍ରିକୀୟ ଦେଶ) ମାନଙ୍କରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ବଢି ଚାଲିଛି । ସମଗ୍ର ବିଶ୍ୱରେ କେବଳ ଇଂରାଜୀ ହିଁ ସାଧାରଣ ଭାବ ବିନିମୟ ଓ ଶିକ୍ଷାର ମାଧ୍ୟମ ହେବାକୁ ବସିଛି । କାରଣ ଇଂରାଜୀ ଭିନ୍ନ ଅନ୍ୟ ଭାଷାରେ ବିଜ୍ଞାନ, ଟେକ୍ନୋଲୋଜୀ ଓ ଏ ଆଇ ( କୃତ୍ରିମ ବୁଦ୍ଧିମତା ) ବିଷୟରେ ଜ୍ଞାନ ଆହରଣ କରିବା ଓ ବୈଜ୍ଞାନିକ, ଯୁକ୍ତିବାଦୀ ଆଧୁନିକ ମଣିଷର ଭାବାବେଗକୁ ପ୍ରକାଶ କରିବା ମଧ୍ୟ କଷ୍ଟକର । ସେଥିପାଇଁ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଇଂରାଜୀ ଶବ୍ଦ ଓ ଭାଷାର ପ୍ରଚଳନ ଅପରିହାର୍ଯ୍ୟ ହେଇ ପଡିଛି । ଓଡ଼ିଆ ମାଧ୍ୟମରେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ ଓ ଓଡ଼ିଆ ମାଧ୍ୟମରେ ଦଶମ ଯାଏଁ ପଢ଼ିଥିବା ଏବେକାର ଅନେକ ଓଡ଼ିଆ ପିଲା ଏକାଧାରରେ ହିନ୍ଦୀ ଓ ସଂସ୍କୃତକୁ ତୃତୀୟ ଭାଷା ଭାବେ ନେଇ ପଢ଼ନ୍ତି ଓ ତଥାପି ଓଡ଼ିଆ କିମ୍ବା ଅନ୍ୟ ଭାରତୀୟ ଭାଷା ଠିକ ଭାବେ ପଢି ବା ବୁଝି ପାରୁନଥିବା ବେଳେ, ପ୍ରତ୍ୟେକ କାମ ପାଇଁ କେବଳ ଇଂରାଜୀକୁ ହିଁ ନିଜର ଏକମାତ୍ର ଭାଷା ଭାବେ ବାଛି ନେଇଥିବାର ପ୍ରତ୍ୟକ୍ଷ ଅନୁଭୂତି ଲେଖକର ରହିଛି । ବର୍ତ୍ତମାନ ପିଢ଼ିର ସାମ୍ନାରେ ପ୍ରଶ୍ନବାଚୀ, ଯଦି ସେମାନେ ଇଂରାଜୀରେ ମେଲ କରିବେ, ମେସେଜ କରିବେ, ଚାଟିଙ୍ଗ କରିବେ, ପାଠ ପଢିବେ, ସାକ୍ଷାତକାର ଦେବେ, ଅଫିସ କାମ କରିବେ, ମନୋରଞ୍ଜନ ପାଇଁ ଇଂରାଜୀ ଚଳଚ୍ଚିତ୍ର ଦେଖିବେ ତେବେ ଓଡ଼ିଆ ପଢିବେ କାହିଁକି ? ଆଉ ବିନା ଭାଷା ଜ୍ଞାନରେ ସାହିତ୍ୟର ଗଭୀରତାକୁ ଜଣେ ଛୁଇଁବ କେମିତି ? ଓଡ଼ିଆ ସାହିତ୍ୟର ପାଠକୀୟତା ଓ ଓଡ଼ିଆ ଭାଷାର ଗ୍ରହଣୀୟତାରେ ବୃଦ୍ଧି ନଘଟିଲେ ଏହାର ଆୟୁଷ ବେଶୀ ଦିନ ନୁହଁ ଓ ଏକଦା ମହାନ ଭାଷାର ମାନ୍ୟତା ପାଇଥିବା ସଂସ୍କୃତର ଅବସ୍ଥା ଏବେ ଯାହା ସେହି ଅବସ୍ଥା ଓଡ଼ିଆ ଭାଷା ଭୋଗିବାକୁ ଯାଉଛି । ତେଣୁ ଏ ସମୟ ଓଡ଼ିଆ ସାହିତ୍ୟର ଆଲୋଚକ, ପ୍ରକାଶକ ଓ ଲେଖକମାନଙ୍କ ପାଇଁ ଏକ ଆହ୍ୱାନର ସମୟ । ନୂତନ ପିଢ଼ିକୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରାଗୀ କରାଇବାକୁ ହେଲେ ଯୁବ ପିଢ଼ିର ରୁଚି, ଚିନ୍ତା , ଚେତନା, ସମସ୍ୟା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ସଂକ୍ଷିପ୍ତ , ବୋଧଗମ୍ୟ, ସରଳ, ଭାବଗର୍ଭକ ଓ ଯୁଗପୋଯୋଗୀ ସାହିତ୍ୟ କୃତିକୁ ପ୍ରୋତ୍ସାହନ ଦେବା ସହିତ ଭାଷାର ଶବ୍ଦ କୋଷରେ ସାମ୍ପ୍ରତିକ ମାନବୀୟ ଭାବର ପ୍ରକାଶ ଯୋଗ୍ୟ ଯଥେଷ୍ଟ ଶବ୍ଦ ରହିବା ଦରକାର। ସେଥିପାଇଁ ହୀନମନ୍ୟତା, ଗତାନୁଗତିକତା, ରକ୍ଷଣଶୀଳତା ଓ ଗୋଷ୍ଠୀ ପ୍ରତିଯୋଗିତାରୁ ଊର୍ଦ୍ଧ୍ୱକୁ ଆସି କାମ କଲେ ହୁଏତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଗାମୀ ପିଢ଼ି ଯାଏ ବଞ୍ଚିବାରେ ସାହାଯ୍ୟ କରି ହୁଅନ୍ତା..!




ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୭୯୭୮୬୬୬୪୦୩

# ଉତ୍ତରଦାୟିତ୍ୱ କାହାର

ଅଧ୍ୟାପକଙ୍କ ଯୌନ ତଥା ମାନସିକ ନିର୍ଯାତନାର ଶିକାର ହୋଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବି.ଏଡ. ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟଶ୍ରୀ ବିଶି ଏମସ୍‌ରେ ଦୀର୍ଘ ୫୫ଘଣ୍ଟାର ଜୀବନ ମରଣ ସହ ଲଢେଇ କରି ଶେଷରେ ଆଖିବୁଜିବା ଘଟଣା କେବଳ ଶିକ୍ଷାନୁଷ୍ଠାନରେ ଗୁରୁ–ଶିଷ୍ୟ ପବିତ୍ରତାର ଅଧୋଗତିକୁ ସୂଚିତ କରିନାହିଁ, ଆମ ସରକାରୀ ଆଇନକାନୁନ୍, ସାମାଜିକ, ରାଜନୈତିକ ବ୍ୟବସ୍ଥା ତାଙ୍କୁ ସୁରକ୍ଷା ଦେଇପାରିନାହିଁ ବୋଲି କୁହାଯିବ।

ପରଲୋକଗତ ଛାତ୍ରୀ ନ୍ୟାୟ ପାଇଁ କଲେଜ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ପୋଲିସ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ଲୋକପ୍ରତିନିଧି, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା କମିଶନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସବୁକିଛି ସ୍ପଷ୍ଟ ଭାବେ ଜଣାଇଥିଲେ ମଧ୍ୟ ତାଙ୍କୁ କେହି ସୁରକ୍ଷା ଦେଇପାରିନଥିଲେ। ସବୁଠାରୁ ନିରାଶ ହେବା ପରେ କଲେଜ ପରିସରରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରି ଶେଷରେ ଆତ୍ମବଳି ଦେଇଛନ୍ତି। ତେବେ ଏହି ଦୁଃଖଦ ଘଟଣା ପାଇଁ ଦାୟୀ କିଏ? କାହାକୁ ଦାୟୀ କରିବା ? ଦାୟିତ୍ୱ କାହାର? ଅବଶ୍ୟ ଏହି ଘଟଣାରେ ରାଜ୍ୟ ସରକାର କଲେଜର ଅଧ୍ୟାପକ ଏବଂ ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରି ଗିରଫ କରିବା ସହ ଜେଲକୁ ପଠାଇ ଦେଇଛନ୍ତି। ଏହା ନିସନ୍ଦେହ ଯେ, ଅଧ୍ୟାପକଙ୍କ ଯୌନ ନିର୍ଯାତନାର ଶିକାର ହୋଇ ସୌମ୍ୟଶ୍ରୀ କଲେଜ ପରିସରରେ ନିଜ ଦେହରେ ନିଆଁ ଲଗାଇ ଆତ୍ମବଳୀ ଦେବା ରାଜ୍ୟରେ ପ୍ରଥମ ଘଟଣା। କିନ୍ତୁ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅଧ୍ୟାପକଙ୍କ ଯୌନ, ତଥା ମାନସିକ, ଶାରିରୀକ ନିର୍ଯାତନାର ଶିକାର ହେବା ନୂଆ ଘଟଣା ନୁହେଁ। ରାଜ୍ୟର ସୁନାମଧନ୍ୟ ବିଶ୍ୱବିଦ୍ୟାଳୟଗୁଡିକ ଠାରୁ ଆରମ୍ଭ କରି ମହାବିଦ୍ୟାଳୟଗୁଡିକରେ ଅତୀତରେ ଏଭଳି କଳଙ୍କିତ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷାନୁଷ୍ଠାନରେ ଛାତ୍ରୀ ଏବଂ ଅଧ୍ୟାପିକାମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି ସରକାରଙ୍କ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏବଂ ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। ଯେଉଁ ନିର୍ଦ୍ଦେଶନାମାରେ ଶିକ୍ଷାନୁଷ୍ଠାନ ଏବଂ ଅନ୍ୟ କାର୍ଯ୍ୟସ୍ଥଳୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିମାନ ଗଠନ କରିବା ବ୍ୟବସ୍ଥା ରହିଛି। ପୀଡିତା ଛାତ୍ରୀ ଅଧ୍ୟାପକଙ୍କ ଯୌନ ନିର୍ଯାତନା ସମ୍ପର୍କରେ ଜଣାଇବା ପରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇ ଆଲୋଚନା ହୋଇଥିଲା। ଜଣାଯାଇଛି ଯେ, କମିଟି ରିପୋର୍ଟ ଦାଖଲ କରିଥିବା ସତ୍ତ୍ୱେ ଯୌନ ଶୋଷଣ ସମ୍ପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନାହିଁ। ଏପରିକି ପିଡିତା ଜଣକ ଅଧ୍ୟକ୍ଷଙ୍କୁ ଡାକରା ପାଇ ସାକ୍ଷାତ କରିବା ସମୟରେ ଅଭିଯୋଗ ପ୍ରତ୍ୟାହାର ପାଇଁ ଚାପ ପଡିଥିଲା ଏବଂ ସମସ୍ତ ଭୁଲ ଛାତ୍ରୀଙ୍କର, ଅଧ୍ୟାପକ ନିର୍ଦ୍ଦେଶ ବୋଲି କୁହାଯାଇଥିଲା। ଆହୁରି ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ପୀଡିତାଙ୍କ ବିରୁଦ୍ଧରେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ମେଳି କରାଇବାରେ ସମର୍ଥ ହୋଇଥିଲେ। ଶ୍ରେଣୀ ଗୃହରେ ପୀଡିତା ଏକ ପ୍ରକାର ବାସନ୍ଦ ହୋଇଯାଇଥିଲେ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ଆହୁରି ମଧ୍ୟ ଛାତ୍ରୀଜଣକ ସ୍ଥାନୀୟ ପୋଲିସକୁ ଅବଗତ କରାଇ ଥିଲେ। ପୋଲିସ ଅଭିଯୋଗରେ ତଦନ୍ତ କରିବା ପରିବର୍ତ୍ତେ ଅଧ୍ୟକ୍ଷଙ୍କୁ ଭେଟି ନୀରବ ରହିଥିଲା। ପୋଲିସର ନୀରବତା ପରେ ସେ ଜିଲ୍ଲାପାଳ, ଏସପି, ଶିକ୍ଷା ମନ୍ତ୍ରୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ 'ଏକ୍ସ'ରେ ସାମାଜିକ ଗଣମାଧ୍ୟମରେ ଅବଗତ କରାଇବା ପରେ କେହି ଗୁରୁତ୍ୱର ସହକାରେ ଏହାକୁ ଗ୍ରହଣ କରିନଥିବା ପୀଡିତାଙ୍କ ଚରମ ପଦକ୍ଷେପ ପ୍ରମାଣିତ କରେ ବୋଲି କୁହାଯାଇପାରିବ। ଏହି ଘଟଣା ରାଜ୍ୟରେ ରାଜନୈତିକ ଝଡ ସୃଷ୍ଟି ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ପୀଡିତା ଜଣକ ଆତ୍ମରକ୍ଷା କୌଶଳରେ ଜଣେ ମାଷ୍ଟରଟ୍ରେନର ଥିଲେ। ଛାତ୍ରୀମାନଙ୍କୁ ସେ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଉଥିଲେ। ଏଥିରୁ ଅନ୍ୟକୁ ସୁରକ୍ଷିତ ରଖିବାରେ କେତେ ଦୃଢମନା, ସାହସୀ ଥିଲେ ବୁଝାପଡେ। ଆହୁରି ମଧ୍ୟ ସେ ଶାସକ ଦଳର ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଜଣେ ସକ୍ରୀୟ ସଦସ୍ୟା ସହ ଶାସକ ଦଳ ଓ ସରକାରଙ୍କର ଜଣେ ଦୃଢ ସମର୍ଥକ ଥିଲେ। ମାତ୍ର କାହାରିଠାରୁ କୌଣସି ସୁରକ୍ଷା ନପାଇବା ବୋଧହୁଏ ତାଙ୍କ ଚରମ ନିଷ୍ପତ୍ତିର କାରଣ ହୋଇପାରେ। ପୀଡିତାଙ୍କ ବଳିଦାନ ଘଟଣାରୁ ରାଜ୍ୟ ସରକାର କିଛି ଶିକ୍ଷା କରିଥିବେ ନିଶ୍ଚିତ ବୋଲି ଆଶା କରାଯାଏ। ଭବିଷ୍ୟତରେ ଶିକ୍ଷାନୁଷ୍ଠାନ ହେଉ କିମ୍ବା ସରକାରୀ, ବେସରକାରୀ କାର୍ଯ୍ୟାଳୟ ହେଉ ଏଭଳି ଘଟଣାରେ ଯେପରି ପୁନରାବୃତ୍ତି ନଘଟେ, ସେଥିପ୍ରତି ସରକାର ସଚେତନ ହେବା ଜରୁରୀ। ଅବଶ୍ୟ ଏହି ଘଟଣା ପରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ରିପୋର୍ଟ ତଲବ କରିଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ଛାତ୍ରୀ ହୁଅନ୍ତୁ ବା ମହିଳା ହୁଅନ୍ତୁ, ସୁରକ୍ଷିତ ରହିପାରିବେ ବୋଲି ଆମର ଆଶା। କିନ୍ତୁ ବାଲେଶ୍ୱର ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ଯାହା ପାପିଷ୍ଠଙ୍କ ପାଇଁ ଏକ ଚେତବାନୀ ସଦୃଶ ହେବ। ପୀଡିତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛୁ।



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ–୭୨୦୫୧୦୦୮୩୯

# ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନ ସ୍ଥଳୀ ଏବଂ ଶକ୍ତି ପୀଠ

ଗଞ୍ଜାମ ଜିଲ୍ଲା, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର। ପ୍ରକୃତି ସତେ ଯେମିତି ଖୋଲା ହାତରେ ଅଜାଡ଼ି ଦେଇଛି ତାର ସୌନ୍ଦର୍ଯ୍ୟର ଗନ୍ତା ଘରକୁ। ବନ, ପର୍ବତ ସହିତ ସମୁଦ୍ର କୂଳ ସବୁ କିଛି ପର୍ଯ୍ୟଟକଙ୍କୁ ଏଠାକୁ ଟାଣି ଆଣିଥାଏ। ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ଯେଉଁ ପର୍ଯ୍ୟଟକ ମାନେ ଗଞ୍ଜାମ ଜିଲ୍ଲାକୁ ଆସିଥାନ୍ତି ସେମାନଙ୍କୁ ଏଇଠି ଆସି ନିରାଶ ହେବାକୁ ପଡ଼ିନଥାଏ। ଯେଉଁ ପର୍ଯ୍ୟଟକ ମାନେ ଭକ୍ତିରେ ବିଭୋର ହେବା ପାଇଁ ଗଞ୍ଜାମ ଜିଲ୍ଲାକୁ ଆସିଥାନ୍ତି ସେମାନେ ଏଠାରେ ଚାରିପଟେ ଥିବା ଦେବଦେବୀ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଆଧ୍ୟାତ୍ମିକ ଶାନ୍ତି ପାଇଥାନ୍ତି। ଇତିହାସ ପୃଷ୍ଠାରେ ଥିବା ପ୍ରାଚୀନ ଘଟଣାର ଛାପ ମଧ୍ୟ ଏଇଠି ଦେଖିବାକୁ ମିଳେ। ଗଂଜାମ ଜିଲ୍ଲା ପର୍ଯ୍ୟଟକଙ୍କୁ ସବୁବେଳେ ଆକର୍ଷିତ କରିଥାଏ। ପର୍ଯ୍ୟଟନ କରିବା ବା ବିଭିନ୍ନ ସ୍ଥାନକୁ ବୁଲିଯିବାକୁ ଆମକୁ ଭଲ ଲାଗେ। ଏହା ଦ୍ୱାରା ଆମେ ଆମର ସଂଘର୍ଷମୟ ଜୀବନରୁ କିଛି ସମୟ ପାଇଁ ମୁକ୍ତି ପାଇଥାଉ। ଆଜିର ଆଧୁନିକ ମଣିଷ ଅନେକ ପ୍ରକାର ଟେନସନ ବା ଚାପ ଭିତରେ ଦେଇ ଜୀବନ କଟାଉଛି। ଏଥିରୁ ମୁକ୍ତି ପାଇବା ପାଇଁ ସିଏ ଦର୍ଶନୀୟ ସ୍ଥାନକୁ ବୁଲିଯାଇଥାଏ। ଏହା ଦ୍ୱାରା ସେ ତାର ଦୈନନ୍ଦିନ ଜୀବନର ଚାପରୁ କିଛି ସମୟ ପାଇଁ ମୁକ୍ତି ପାଇଥାଏ। ପର୍ଯ୍ୟଟନ ଦ୍ୱାରା ଟେନସନରୁ ମୁକ୍ତି ମିଳିଥାଏ ଏବଂ ଆଗାମୀ ସମୟରେ ପୁଣି ଚାପ ନେବା ପାଇଁ କ୍ଷମତା ଆସିଥାଏ। ଗଞ୍ଜାମ ଜିଲ୍ଲା ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ। ଗଞ୍ଜାମ ଜିଲ୍ଲା ରେ ଥିବା 'ନିର୍ମଳ ଝର', ଗୋଟିଏ ସୁନ୍ଦର ପର୍ଯ୍ୟଟନ ସ୍ଥଳୀ। ସେଠାରେ ସ୍ୱଚ୍ଛ ଜଳର ପ୍ରବାହ ଦେଖିବାକୁ ମିଳେ । ଏହି ଝର ବର୍ଷସାରା ଝରୁଥାଏ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବଙ୍ଗୋପସାଗର କୂଳରେ ଅବସ୍ଥିତ ଗଞ୍ଜାମ ଜିଲ୍ଲା। ଏଠାରେ ଗୋପାଳପୁର ବେଳାଭୂମି ଅବସ୍ଥିତ। ଏହି ବେଳାଭୂମି ପର୍ଯ୍ୟଟକଙ୍କର ଆକର୍ଷଣର ସ୍ଥାନ। ସମୁଦ୍ର କୂଳରେ ଠିଆ ହୋଇ ସମୁଦ୍ର ଲହରୀକୁ ଦେଖିବାରେ ଆନନ୍ଦ ରହିଛି। ଅନ୍ୟ ଏକ ବେଳାଭୂମି ଆର୍ଯ୍ୟପଲ୍ଲୀ । ଏହି ବେଳାଭୂମି ନିକଟରେ ଧବଳେଶ୍ୱର ମନ୍ଦିର ଲୋକଙ୍କୁ ଆକର୍ଷିତ କରିଥାଏ । ଏଠାରେ ସୂର୍ଯ୍ୟ ଉଦୟର ସୁନ୍ଦର ଦୃଶ୍ୟ ନିଶ୍ଚିତ ଭାବରେ ମନରେ ଆନନ୍ଦ ଭରିଦିଏ। ଋଷିକୂଲ୍ୟା କୂଳରେ ଅବସ୍ଥିତ ତାମ୍ପରା ହ୍ରଦ ଗଞ୍ଜାମର ଅନ୍ୟ ଏକ ପର୍ଯ୍ୟଟନସ୍ଥଳୀ। ମିଠା ପାଣିର ଏହି ହ୍ରଦ ସବୁବେଳେ ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ଏହି ହ୍ରଦରେ ବୋଟିଂ କରିବାର ସୁବିଧା ମଧ୍ୟ ରହିଛି। ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ତାରା ତାରିଣୀ ମନ୍ଦିର ଭକ୍ତଙ୍କ ପାଇଁ ଏକ ଦର୍ଶନୀୟସ୍ଥାନ। ତାରା ତାରିଣୀ ମନ୍ଦିର ଏକ ଶକ୍ତି ପୀଠ। ସତୀଙ୍କ ଶରୀରର ଏକ ବିଶେଷ ଅଙ୍ଗ ଏଠାରେ ପଡ଼ିଥିଲା। ଅନ୍ୟ ଏକ ଦର୍ଶନୀୟସ୍ଥାନ ହେଉଛି ଭୈରବୀ। ଏହି ସିଦ୍ଧ ଭୈରବୀ ପୀଠ ମନ୍ଦିଡିରେ ଅବସ୍ଥିତ। ଏଠାରେ ଥିବା ଶାନ୍ତ ପରିବେଶ ମନରେ ଶାନ୍ତି ଆଣିଦିଏ। ମା ମହୁରୀ କାଳୁଆ ଅନ୍ୟ ଏକ ସୁନ୍ଦର ମନ୍ଦିର। ପ୍ରାକୃତିକ ପରିବେଶରେ ଭରପୁର ମହୁରୀ କାଳୁଆ ରୋଡ଼ ପ୍ରକୃତରେ ହୃଦୟସ୍ପର୍ଶୀ। ବ୍ରହ୍ମପୁରର ଇଷ୍ଟ ଦେବୀ ମା ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ସୁଅ ଛୁଟି ଥାଏ। କେଉଁ କାଳରୁ ବ୍ରହ୍ମପୁରର ବାସିନ୍ଦା ମା'ଙ୍କୁ ପୂଜା ଅର୍ଚ୍ଚନା କରି ଆସୁଛନ୍ତି। ଅନେକଙ୍କ ମାନସିକ 'ମା' ପୂରଣ କରିଥାଆନ୍ତି। ଦୁଇବର୍ଷରେ ଥରେ ହୁଏ ମା'ଙ୍କର ଠାକୁରାଣୀ ଯାତ୍ରା। ସେତେବେଳେ ମା'ଙ୍କ ଦର୍ଶନ ପାଇଁ ନାହିଁ ନଥିବା ଭିଡ ଲକ୍ଷ୍ୟ କରାଯାଏ। ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ତପ୍ତପାଣି ଗୋଟିଏ ସୁନ୍ଦର ଦର୍ଶନୀୟ ସ୍ଥାନ। ଗରମ ପାଣି ପ୍ରବାହ ଏଇଠି ଦେଖିବାକୁ ମିଳେ। ଗଞ୍ଜାମ ଜିଲ୍ଲାର ସାନ ଖେମୁଣ୍ଡିରେ ଏହା ଅବସ୍ଥିତ। ଓଡ଼ିଶାର ପ୍ରତ୍ୟେକଟି ଜିଲ୍ଲା ଅନେକ ସମ୍ଭାର ନେଇ ଠିଆ ହୋଇଛନ୍ତି। ଆମେ ବୁଲିବା ପାଇଁ ଭାରତର ଅନ୍ୟ ସ୍ଥାନକୁ ଯାଇଥାଉ କିନ୍ତୁ ଆମ ରାଜ୍ୟରେ ରହିଥିବା ଅଗଣିତ ଦର୍ଶନୀୟ ସ୍ଥାନ ବିଷୟରେ ଆମେ ଆଜି ମଧ୍ୟ ଅଜ୍ଞ। ଓଡ଼ିଶା ସରକାର ଏହି ସବୁ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଉପରେ ଦୃଷ୍ଟି ଦେଇ ଯଦି ଲୋକ ଲୋଚନକୁ ଆଣିବା ସଙ୍ଗେ ସଙ୍ଗେ ପର୍ଯ୍ୟଟକଙ୍କ ପାଇ ସମସ୍ତ ବ୍ୟବସ୍ଥା କରନ୍ତେ ତାହେଲେ ଓଡ଼ିଶାକୁ ବୁଲି ଆସିବା ପାଇଁ ଲୋକେ ପ୍ରଥମେ ଚିନ୍ତା କରନ୍ତେ। ପର୍ଯ୍ୟଟନ ଦ୍ୱାରା ଲୋକଙ୍କୁ ରୋଜଗାର ମିଳେ, ବ୍ୟବସାୟୀ ଲାଭବାନ ହୁଅନ୍ତି, ପର୍ଯ୍ୟଟନ ଭିନ୍ନତାରେ ଏକତାର ବାର୍ତ୍ତା ଦିଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜୁଲାଇ ୨୦୨୫ ରବିବାର





# ବନ୍ୟାଜଳ ପ୍ରବାହରେ ଶହ ଶହ ଏକର ଫସଲ ନଷ୍ଟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟରେ ପ୍ରବଳ ଲଗାଣ ବର୍ଷା ହେବା ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା । ଫଳରେ ନଦୀ କୂଳିଆ ଲୋକେ ଓ କ୍ଷୁଦ୍ର ଓ ବୃହତ ଚାଷୀମାନେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା । ଯାଜପୁର ଜିଲ୍ଲାରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀରେ ବନ୍ୟାଜଳ ଆସିଥିଲା । ଏହାର ପ୍ରଭାବରେ ନଦୀ କୂଳରେ ବସବାସ କରୁଥିବା ଜନସାଧାରଣ ନଦୀ ତଟରେ କରିଥିବା ଶହ ଶହ ଏକର ଧାନ ଓ ପନିପରିବା ଗଛ ଉପରେ ପାଣି ଚାଲିଥିଲା । ଧର୍ମଶାଳା ବ୍ଲକର ଦେଓଦା ପଞ୍ଚାୟତର ସ୍ୱାଇଁସାହି, ମାଝିପାଟଣା, ଚଇନିହୁଡା, ବାସୁଦେବପୁର, ମଙ୍ଗଳପୁର ପଞ୍ଚାୟତ ରାଏପଡା, ବାଙ୍କସାହି ଓ ଉତରପ୍ରତାପ ପଞ୍ଚାୟତର ଉତରପ୍ରତାପ ଆଦି ଅଞ୍ଚଳରେ ବ୍ୟାପକଭାବେ ବିଭିନ୍ନ କିସମର ଧାନ ଓ ଜହ୍ନି, କାକୁଡି, ଝୁଡଙ୍ଗ, କଲରା, ପୋଟଳ ଓ ବାଇଗଣ ଗଛ ଏବେ ମରି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଚାଷୀ ବିଭିନ୍ନ ଉପାୟରୁ ଧାର କରଜ କରି ଏକର ଏକର କ୍ଷେତରେ ଚାଷ କରିଥିଲା । ଚାଷ ଅମଳ କରି କରଜ ଶୁଝିବା ସହ ବର୍ଷତମାମ ନିଜ ପରିବାର ପ୍ରତିପୋଷଣ କରିଥାଏ । ଏବେ ବ୍ୟାପକ କ୍ଷତି ହେବା ଫଳରେ ଚାଷୀ ପରିବାର ଚିନ୍ତାରେ ପଡିଯାଇଛି । କାଳନ୍ଦୀ ସାହୁ, ଶ୍ୟାମସୁନ୍ଦର ବେହେରା, ଚନ୍ଦନ ସାହୁ, ବୀର କିଶୋର ସାହୁ, କାର୍ତିକ ସାହୁ, ତ୍ରୈଲୋକ୍ୟ ବେହେରା, ବିଦନ ଦାସ, ସାଉଁଟି ଦାସ, ରାମ ମହାନ୍ତି, ଅଜୟ ବିଶ୍ୱାଳ, ନୀଳମଣୀ ଦାସ, ଶରତ ସାହୁ, ବାବାଜୀ ପଣ୍ଡା, ଗୌରାଙ୍ଗ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା ଓ ପବିତ୍ର ଦାସ ପ୍ରମୁଖ ବନ୍ୟା ପରେ ସରକାର କ୍ଷୟକ୍ଷତିର ଆକଳନ କରି ଆବଶ୍ୟକୀୟ କ୍ଷତି ପୁରଣ ଦେବାକୁ ଦାବି କରିଛନ୍ତି ।

# ରାସ୍ତା ପାର୍ଶ୍ୱରୁ ଦୋକାନ ଉଚ୍ଛେଦ:ବିଏମ୍ସି-ଉଠାଦୋକାନୀ ମୁହାଁମୁହିଁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଡମଣା ଛକରୁ ଶୈଳଶ୍ରୀବିହାର ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରୁ ଜବରଦଖଲ ହଟାଇବାକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଓ ଉଠାଦୋକାନୀ ମୁହାଁମୁହିଁ ହୋଇଛନ୍ତି । ଥଇଥାନ ନକରି ହଟାଯାଉଥିବାରୁ ଉଠାଦୋକାନୀମାନେ ବିରୋଧ କରିଥିଲେ । ପାଖାପାଖି ଦେଢ଼ଘଣ୍ଟା ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ରହିଥିଲା । ଆନ୍ଦୋଳନକାରୀଙ୍କ ପ୍ରବଳ ବିରୋଧ ଆଗରେ ବିଏମ୍ସି ଅଧିକାରୀମାନେ ଛତ୍ରଭଙ୍ଗ ଦେଇଥିଲେ । ତିନିଟି ଦୋକାନ ଭାଙ୍ଗିବା ପରେ ସେଠାରୁ ପଳାଇ ଯାଇଥିଲେ । ଉଠାଦୋକାନୀଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ କୌଣସି ସୂଚନା ନଦେଇ ଭୁବନେଶ୍ୱର ଉତ୍ତର ଜୋନ୍‌ର ଅଧିକାରୀମାନେ ପୂର୍ବାହ୍ନରେ ହଠାତ୍ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡମଣା ଛକରୁ ଶୈଳଶ୍ରୀବିହାର ପର୍ଯ୍ୟନ୍ତ ରାସ୍ତା ଦୁଇପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାକୁ ପ୍ରଚାର କରିଥିଲେ । ଏହାଦ୍ୱାରା ଦୋକାନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା । ବିନା ସୂଚନାରେ ଉଠାଦୋକାନ ଭଙ୍ଗାଯାଉଥିବାରୁ ବ୍ୟବସାୟୀ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସହାୟତା ଲୋଡ଼ିଥିଲେ । ଏହାପରେ ଶତାଧିକ ଉଠାଦୋକାନୀ ବିଏମ୍ସି ଅଧିକାରୀଙ୍କୁ ବିରୋଧ କରିବା ସହ ଡୋଜର ଆଗରେ ଛିଡ଼ା ହୋଇ ରହିବାରୁ ଉଚ୍ଛେଦ ଅଧାରୁ ବନ୍ଦ ହୋଇଥିଲା । ମହାସଂଘ ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି କିଛିଦିନ ତଳେ ବିଏମ୍ସି କମିସନର, ଉପାୟୁକ୍ତ, ଯୁଗ୍ମ ସଚିବ ଓ ପୋଲିସ ଅଧିକାରୀଙ୍କ ସମେତ ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମା ଉଠାଦୋକାନ ଉଚ୍ଛେଦ ବନ୍ଦ, ଉଚ୍ଛେଦ ସମୟରେ ଦୋକାନୀଙ୍କୁ ଚିହ୍ନଟ କରି ଭେଣ୍ଡିଂଜୋନ୍‌ରେ ଥଇଥାନ, ଜୋର୍‌ଜବରଦସ୍ତ ଉଚ୍ଛେଦ ନକରିବା, ଉଚ୍ଛେଦ ସମୟରେ ସମ୍ବିଧାନର ଧାରା ୧୯(୧)(୬) ପ୍ରତି ଧ୍ୟାନ ଦେବା ପରି ୧୨ରୁ ଅଧିକ ବିଷୟରେ ରାଜିନାମାରେ ସ୍ୱାକ୍ଷରିତ ହୋଇଥିଲା । ମାତ୍ର ବିଡିଏ, ବିଏମ୍ସି ଓ ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀ ଉଠାଦୋକାନୀ ଆଇନ-୨୦୧୪କୁ ପାଳନ ନକରି ଦୋକାନଗୁଡ଼ିକୁ ଉଚ୍ଛେଦ କରୁଛନ୍ତି । ତେଣୁ ଅସନ୍ତୋଷ ବଢ଼ିଚାଲିଛି । ଯଦି ବିଏମ୍ସି, ବିଡିଏ, ସାଧାରଣ ପ୍ରଶାସନ ବିଭାଗ ଆଇନ ନମାନି ବାରମ୍ବାର ଉଠାଦୋକାନୀଙ୍କୁ ଉଚ୍ଛେଦ କରନ୍ତି ତାହା ହେଲେ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରାଯିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପସଭାପତି ଲଲାଟ କୁମାର ଓଝା, ସସ୍ମିତା ସାହୁ, ସତ୍ୟବାନ ରାଉତ, ସୂର୍ଯ୍ୟମଣି ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଖରିଫ ଚାଷ ପାଇଁ ତେଲିଙ୍ଗିରି ଡ୍ୟାମ୍‌ରୁ କେନାଲରେ ଜଳ ନିଷ୍କାସନ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରାଣିଗଡ ଗ୍ରାମପଞ୍ଚାୟତ ଠାରେ ରହିଥିବା ତେଲିଙ୍ଗିରି ଜଳଭଣ୍ଡାରରୁ ଖରିଫ ଚାଷ ପାଇଁ କେନାଲରେ ପାଣି ନିଷ୍କାସିତ ହୋଇଛି । ତେଲିଙ୍ଗିର ଡ୍ୟାମ୍ ଜଳ ଉପରେ ମୁଖ୍ୟତଃ ବୋରିଗୁମ୍ମା ବ୍ଲକ କିଛି ଗ୍ରାମପଞ୍ଚାୟତର ଚାଷୀମାନେ ନିର୍ଭର କରିଥାଆନ୍ତି । ବୋରିଗୁମ୍ମା ବ୍ଲକ ଧାନ ଚାଷ ଆରମ୍ଭ ହୋଇଥିବା ବେଳେ ବର୍ଷା ହୋଇଥିଲେ ସୁଦ୍ଧା ଜମିକୁ ପାଣିର ଆବଶ୍ୟକତା ରହିଥିବା ଯୋଗୁ ଚାଷୀମାନଙ୍କୁ ଅନୁରୋଧ ଏବଂ ଜଳସେଚନ, କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ ପରେ ଚାଷ କାର୍ଯ୍ୟ ପାଇଁ କେନାଲ ମାଧ୍ୟମରେ ଜଳ ନିଷ୍କାସିତ ହୋଇଛି । ପ୍ରକାଶ ଯେ, ଗତ ନଭେମ୍ବର ମାସରେ ଜଳଭଣ୍ଡାରର ବାଇପାସ୍ ଜଳ ନିଷ୍କାସନ ପାଇଁ ଫାଟକରେ କଣା ହୋଇଯାଇଥିବା ଯୋଗୁଁ ଜଳଭଣ୍ଡାରର ଜଳ ଆପେ ଆପେ ନିଷ୍କାସିତ ହୋଇଥିଲା । ଏହି ଗର୍ତ ବୃଦ୍ଧି ପାଇବା ସହ ଜଳଭଣ୍ଡାରରେ ଜଳ ଗଚ୍ଛିତ ସମସ୍ୟା ନେଇ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ୍‌ର ସମସ୍ତ ଜଳ ମୁଖ୍ୟ ୩ଟି ଫାଟକ ଦେଇ ନଦୀକୁ ନିଷ୍କାସିତ କରାଯାଇଥିଲା । ଏହିପରି ଗତ ଫେବୃୟାରୀ ମାସରେ ଟେଣ୍ଡର ମାଧ୍ୟମରେ ୧ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ କରାଯାଇଥିଲା । ଗତ ମଇ ୨୦ ତାରିଖରେ କାର୍ଯ୍ୟ ଶେଷ ହୋଇଥିଲା । ଏହାପରେ ଜଳଭଣ୍ଡାରରେ ବର୍ଷା ଏବଂ ନଦୀଜଳ ଗଚ୍ଛିତ ରହିଥିବା ବର୍ତମାନ ଜଳଭଣ୍ଡାର କ୍ଷମତାର ୫୦ ପ୍ରତିଶତ ୪୦ ଫୁଟ୍ ଉଚ୍ଚ ଏବଂ ପ୍ରାୟ ଜଳଭଣ୍ଡାରର ୯ ହଜାର ହେକ୍ଟର ପରିଧିରେ ଗଚ୍ଛିତ ହେବାପରେ ଖରିଫ ଚାଷ ପାଇଁ କେନାଲ ଜଳ ଛଡାଯାଇଛି । ଏହି କେନାଲ ଜଳ ଜୟପୁରର ୨ଟି ଏବଂ ବୋରିଗୁମ୍ମାର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ବ୍ଲକର ପ୍ରାୟ ୯୯୫୨ ହେକ୍ଟରରେ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ଆରମ୍ଭ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି ।

# ବଜ୍ରାଘାତରେ ଜଣେ ମୃତ, ଦୁଇ ଗୁରୁତର

**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅନ୍ତର୍ଗତ ସାହାଜ ବାହାଲ ଗ୍ରାମର ସୁନୀଲ ଷଣ୍ଡଙ୍କର ଚାଷ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ହେଲା ଅଘଟଣ । ଶୁକ୍ରବାର ଅପରାହ୍ନ ସମୟ ୩:୩୦ ସମୟରେ ୩ ମହିଳା ସାଥି ହୋଇ ନିଜ ଘରକୁ ଫେରୁଥିବା ବେଳେ ରାସ୍ତାରେ ହଠାତ୍ ବଜ୍ରାଘାତ ହେବାଫଳରେ ସାହାଜ ବାହାଲ ଗ୍ରାମର କ୍ଷୀର ସହନେତ ବୟସ (୫୫)ଙ୍କ ମୃତ୍ୟୁ ହୋଇଥିଲା, ପରେ ଆମ୍ବୁଲାନ୍ସ ଯୋଗେ କ୍ଷୀର ସହନେତଙ୍କୁ କୁଚିଣ୍ଡା ହସ୍ପିଟାଲକୁ ଆଣିଥିଲେ । ସେଠାରେ କ୍ଷୀର ସହସନେତଙ୍କୁ ଡାକ୍ତର ଦେଖିସାରିବା ପରେ ମୃତ ଘୋଷଣା କରିଥିଲେ ଏବଂ ସାଥି ହୋଇ ଚାଲୁଥିବା ଆଉ ଦୁଇ ମହିଳା କୁନ୍ତୀ ଷଣ୍ଡ (୫୫) ଓ ଆରତୀ ବାଘ (୪୫) ଗୁରୁତର ଆହତ ହୋଇ କୁଚିଣ୍ଡା ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । ଏ ନେଇ କୁଚିଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ସତ୍ୟାସତ୍ୟ ଯାଞ୍ଚ କରୁଛି ।

# ‘ସାପ କାମୁଡ଼ାରୁ ମୁକ୍ତି ପାଇଁ ସଚେତନ ହେବାର ଆବଶ୍ୟକତା ରହିଛି’

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଜିଲ୍ଲାରେ ସାପ କାମୁଡା ଯୋଗୁ ମୃତ୍ୟୁ ଦିନକୁ ଦିନ ବଢୁଥିବା ବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହାକୁ ବିପର୍ଯ୍ୟୟର ତାଲିକା ଭୁକ୍ତ କରିଛନ୍ତି । ଏନେଇ କେନ୍ଦୁଝର ଲୋକଙ୍କ ଭିତରେ ଜନ ସଚେତନତା ବୃଦ୍ଧି କରିବା ପାଇଁ କେନ୍ଦୁଝର ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ତରଫରୁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାପ ଉଦ୍ଧାର ଏବଂ ପୁନର୍ବାସ ଉପରେ କ୍ଷମତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ରଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱରରୁ ରାଜ୍ୟ ସ୍ନେକ୍ ହେଲ୍ପ ଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଆସି କେନ୍ଦୁଝର କେନ୍ଦୁଲିଫ ଡାକବଙ୍ଗଳାରେ ରାତ୍ରି ଯାପନ କରିଥିଲେ । ଗୁରୁବାର ସକାଳୁ ସେ ଶୋଇଥିବା ଡାକବଙ୍ଗଳା ଦ୍ୱାର ନିକଟରେ ଏକ ବାମ୍ବୁ ରସେଲ ଭାଇପର ବା ଡାଳୁଆ ବୋଡା ବହୁ ସମୟ ଧରି ଜଗି ରହିଥିବା ଦେଖିବାକୁ ମିଳିଥିଲା । ସେ ଘର ଭିତରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ ତାହାକୁ ତାଙ୍କ ଟିମ୍‌ର ଜଣେ ସଦସ୍ୟ ଦେଖି ଶ୍ରୀ ମଲିକଙ୍କୁ ଜଣାଇଥିଲେ । ଶ୍ରୀ ମଲିକ ଏହାକୁ ଧରି ଜଙ୍ଗଲ ମଧ୍ୟରେ ଛାଡି ଦେଇଥିଲେ । ସୌଭାଗ୍ୟ ବଶତଃ ଏହି ଡାକବଙ୍ଗଳା ଦ୍ୱାରରେ ଲାଗିଥିବା କବାଟରେ ବନବିଭାଗ ତରଫରୁ ଡୋର୍ ଗାର୍ଡ ଲାଗିଥିବାରୁ ସାପଟି ଭିତରକୁ ପଶିପରିନଥିଲା । ସାପଟି ଖାଦ୍ୟ ଅନ୍ୱେଷଣରେ ବେଙ୍ଗ କିମ୍ବା କୌଣସି ସରୀସୃପ ଖାଇବା ଆଶା ନେଇ ଆସିଥିବା ବେଳେ ଡୋର୍ ଗାର୍ଡ ଥିବାରୁ ଭିତରକୁ ପଶିପାରିନଥିଲା । ଘର ଭିତରେ ପଶିଥିଲେ, ଘର ଭିତରେ ତଳେ ଶୋଇଥିବା ଜଣେ ବ୍ୟକ୍ତି ସାପ ଆକ୍ରମଣ ହେବାର ସମ୍ଭାବନା ଥିଲା । ଡୋର୍ ଗାର୍ଡ ଯୋଗୁ କୌଣସି ଅଘଟଣରୁ ରକ୍ଷା ମିଳିଛି । ଶୁଭେନ୍ଦୁ ମଲିକ କହିଛନ୍ତି ଯେ କେନ୍ଦୁଝର ସାପ ପ୍ରବଣ ଅଞ୍ଚଳ ହୋଇଥିବାରୁ ବଣପାହାଡ଼ ଅଞ୍ଚଳ ଯୋଗୁ ଅନେକ ବିଷଧର ସାପ ବାସ କରୁଛନ୍ତି । ଏବେ ବର୍ଷା ଦିନ ଚାଲିଥିବାରୁ ସାପ ମାନଙ୍କ ପ୍ରଜନନ ପରେ ଅଣ୍ଡା ଭିତରୁ ଛୁଆ ବାହାରି ସାପଙ୍କ ସଂଖ୍ୟ ବୃଦ୍ଧି ଘଟେ । ଏହି ସମୟରେ ସାପଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଖାଦ୍ୟ ଅନ୍ୱେଷଣରେ ସେମାନେ ଘର ନିକଟରେ ମୂଷା, ବେଙ୍ଗ, ଏଣ୍ଡୁଅ ଆଦି ଖାଇବା ପାଇଁ ଘୁରି ବୁଲନ୍ତି । ସାପମାନେ କାହାକୁ କ୍ଷତି ପହଞ୍ଚାଇବା ପାଇଁ ଚାହାନ୍ତିନାହିଁ । ଅସାବଧାନତା ବଶତଃ ତାଙ୍କ ଉପରେ ପାଦ ପଡିଗଲେ କିମ୍ବା ତାଙ୍କ ଅଣ୍ଡା ଓ ଛୁଆଙ୍କୁ ସୁରକ୍ଷା ଦେବାପାଇଁ ଭୟ ପାଇ କାମୁଡିଥାନ୍ତି । ସମସ୍ତ ଲୋକ ନିଜ ଘର ଦ୍ୱାରରେ ଡୋର ଗାର୍ଡ କିମ୍ବା କପଡା ବା ଅଖା ଆଦି ମାଧ୍ୟମରେ ସାପ ଘର ଭିତରକୁ ନ ପଶିବା ପାଇଁ ବ୍ୟବସ୍ଥା କଲେ ଆମେ ଅନେକାଂଶରେ ସର୍ପ ଆଘାତ ଜନିତ ସମସ୍ୟାରୁ ଦୁରେଇ ରହିପାରିବା ।



# ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘ ତରଫରୁ ଧାରଣା

**କେନ୍ଦ୍ରପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘ (ଓଏସ୍‌ଇବି) କେନ୍ଦ୍ରାପଡା ଶାଖା ତରଫରୁ ଏକ ୯ ଦଫା ଦାବି ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ଶତାଧିକ କର୍ମଚାରୀ ଅହୋରାତ୍ର ଧାରଣାରେ ବସି ରହିଛନ୍ତି । ଭାରତୀୟ ମଜଦୁର ସଂଘ ସଭାପତି ଶାନ୍ତନୁ ମଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ଧାରଣାରେ କର୍ମଚାରୀ ମାନଙ୍କୁ ଟିପିସିଓଡିଏଲ୍ ବେନିୟମ ଭାବରେ ଛଟେଇକୁ ବନ୍ଦ କରିବା, ସମସ୍ତ ଏଫସିସିରେ ଶ୍ରମ ଆଇନ ଅନୁଯାଇ ୮ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା କରିବା, କର୍ମଚାରୀ ମାନଙ୍କୁ ନିୟମ ପାଳନ କରି ସୁରକ୍ଷା ଉପକରଣ ପ୍ରଦାନ କରିବା, ସମସ୍ତ କ୍ୟାମ୍ପକୁ ଆବଶ୍ୟକୀୟ ସୁରକ୍ଷା ଉପକରଣ ପ୍ରଦାନ କରିବା, ନିଯୁକ୍ତି ପତ୍ରରେ ୧୧ କେଭି ଓ ୪୪୦ ଭୋଲଟ୍ କାର୍ଯ୍ୟାଦେଶ ମିଳିଥିବା ବେଳେ ବର୍ତମାନ କାର୍ଯ୍ୟାଦେଶ ଅନୁସାରେ ୩୩ କେଭି କାର୍ଯ୍ୟରେ ନିଯୋଜିତ କରାଯାଉଛି । ଆବଶ୍ୟକ ଲାଇସେନ୍ସ ନଥିବା କର୍ମଚାରୀଙ୍କ ପାଇଁ ଉକ୍ତ କାର୍ଯ୍ୟରେ ବିନିଯୋଗ ବନ୍ଦ କରିବା ଆଦି ୯ଦଫା ଦାବି ଗୁଡିକ ରହିଛି । ଏହି ଧାରଣାରେ କର୍ମଚାରୀ ସଂଘର ଜିଲ୍ଲା ସଭାପତି ମନୋରଂଜନ ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରମୋଦ ସାମନ୍ତରାୟ, ସାଧାରଣ ସଂପାଦକ ଗଗନ ବିହାରୀ ଲେଙ୍କା, ସହ ସଂପାଦକ ଶାନ୍ତନୁ ମଲିକ, ସର୍କଲ ସଂପାଦକ ଏସକେ ସିରାଜୁଦ୍ଦିନ, ଡିଭିଜନ ସଂପାଦକ ଦୈତାରୀ ଜେନାଙ୍କ ସମେତ ଶତାଧିକ କର୍ମଚାରୀ ଧାରଣାରେ ବସିଛନ୍ତି ।

# ଫାଟିଲା ମୁଖ୍ୟ ଜଳ ଯୋଗାଣ ପାଇପ୍:ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କାରେ ଗ୍ରାମବାସୀ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ପବାବେବିରା ଛକରୁ ଜହ୍ମପଦା ଯିବା ରାସ୍ତାରେ ରହିଛି ଆମ୍ରପଡ଼ା । ଯାହା ଅତାବିରା ଏନ୍‌ଏସିର ୱାର୍ଡ ନଂ ୮ର ଅନ୍ତର୍ଗତ । ଏହି ପଡ଼ା ଦେଇ ମାଟି ତଳେ ଯାଇଥିବା ମୁଖ୍ୟ ପାନୀୟ ଜଳ ଯୋଗାଣ ପାଇପଟି କୌଣସି କାରଣରୁ ଫାଟିଯାଇଛି । ଫଳରେ ବାହାର ଦୂଷିତ ପାଣି ଭିତରକୁ ପ୍ରବେଶ କରୁଛି । ଏବେ ବର୍ଷା ଦିନରେ ଅନେକ ପ୍ରକାର ରୋଗ ସୃଷ୍ଟିକାରୀ ଅଣୁଜୀବ ଏହି ଦୂଷିତ ଜଳରେ ରହି ହଇଜା, ଡାଇରିଆ ଆଦି ରୋଗ ସୃଷ୍ଟି କରିବାର ସମ୍ଭାବନା ଅଧିକ ରହୁଛି । ପୁଣି ଆଖ ପାଖରେ ଧାନ ବିଲ ରହିଥିବାରୁ ସେଥିରେ ଦିଆଯାଇଥିବା ରାସାୟନିକ ସାର, କୀଟନାଶକ ଔଷଧ ବର୍ଷା ଜଳରେ ମିଶି ବୋହି ଆସି ଏହି ପାନୀୟ ଜଳରେ ମିଶୁଛି । ଏହି ପାଇପଟି ଅନେକ ଗ୍ରାମକୁ ସଂଯୋଗ କରୁଛି । ହଜାର ହଜାର ଲୋକ ଏହି ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଫଳରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଏହା ନିଶ୍ଚିତ ପ୍ରଭାବ ପକାଇବ ବୋଲି ଆଶଂକା ରହୁଛି । ବର୍ତ୍ତମାନ ଆଖପାଖ ଅଞ୍ଚଳରେ ଡାଇରିଆ ସଂକ୍ରମଣ ରହିଥିବାରୁ ଲୋକେ ଚିନ୍ତା ପ୍ରକଟ କରିଛନ୍ତି । ଅପରପକ୍ଷରେ ଏହି ପାଇପରୁ ବିଶୁଦ୍ଧ ଜଳ ବାହାରିଯାଇ ନଷ୍ଟ ହେଉଛି । କେଉଁଠି ପାନୀୟ ଜଳ ପାଇଁ ଲୋକେ କେତେ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏଠି ଜଳ ଅକାରଣରେ ନଷ୍ଟ ହେଉଛି । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଜଳ ନଷ୍ଟ ଓ ଜଳ ଦୂଷିତ ହେବାରୁ ବଞ୍ଚାନ୍ତୁ । ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି ।

# ସ୍ତ୍ରୀକୁ ହତ୍ୟା କରି ପୋତିଦେଲା ସ୍ୱାମୀ | ୧୩ ଦିନ ପରେ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**



ପାରିବାରିକ କଳହକୁ ନେଇ ସ୍ତ୍ରୀକୁ ଅତି ନୃଶଂସ ଭାବେ ହତ୍ୟା କରିଛି ସ୍ୱାମୀ । ହତ୍ୟା ପରେ ମୃତଦେହକୁ ଜଙ୍ଗଲରେ ପୋତି ଦେଇଛି । ପରିବାର ଲୋକଙ୍କ ସନ୍ଦେହରୁ ବର୍ତ୍ତିବା ପାଇଁ ସ୍ତ୍ରୀ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛି । ଯାହାର ପର୍ଦ୍ଦାଫାସ କରି ଘଟଣାର ୧୩ ଦିନ ପରେ ଜଙ୍ଗଲରୁ ସମଳା ଦୁରୁଆ (୩୦)ର ଗଳିତ ମୃତଦେହକୁ ଜବତ କରିଛି ପୁଲିସ୍ । ସାଇଣ୍ଟିଫିକ୍ ଟିମ୍ ଜରିଆରେ ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ଲୋକନାଥ ଜାନିକୁ ଗିରଫ କରିଛି । ଏଭଳି ଅଭାବନୀୟ ଘଟଣା ଘଟିଛି କୋଟପାଡ଼ ମୁର୍ତ୍ତାହାଣ୍ଡି ପଞ୍ଚାୟତ ମାଲଚାମାଳ ଗ୍ରାମରେ । ପୋଲିସ ସୂଚନା ମୁତାବକ, ୧୦ ବର୍ଷ ତଳେ ସମଳାକୁ ଲୋକନାଥ ପ୍ରେମ ବିବାହ କରିଥିଲେ । ଉଭୟଙ୍କର ଚାରି ବର୍ଷର ପୁଅ ଓ ଦୁଇ ବର୍ଷର ଝିଅ ରହିଛନ୍ତି । ପାରିବାରିକ କଳହକୁ ନେଇ ଲୋକନାଥ କିଛିଦିନ ହେଲା ସମଳାକୁ ନିର୍ଯ୍ୟାତନା ଦେବା ସହ ମାର୍‌ପିଟ୍ କରୁଥିଲା । ଜୁଲାଇ ୬ରେ ସମଳାକୁ ବାଇକ୍‌ରେ ବସାଇ ନିଜ ଜମି ଅଭିମୁଖେ ନେଇଥିଲା ଲୋକନାଥ । ପରେ ସ୍ତ୍ରୀ ସମଳା ଜମି ନିକଟରୁ କୁଆଡେ ଚାଲି ଯାଇଥିବା କହି ଲୋକନାଥ ଥାନାରେ ଏତଲା ଦେଇଥିଲା । ପୋଲିସ୍ ସନ୍ଦେହରେ ଲୋକନାଥକୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା । ମୃତ ସମଳାର ବାପା ସନସାଇ ଦୁରୁଆ, ସମଳା ନିଖୋଜ ଥିବାରୁ ସ୍ୱାମୀ ଲୋକନାଥ ହିଁ ହତ୍ୟା କରିଥିବା ନେଇ ଥାନାରେ ଏତଲା ଦେଇଥିଲେ । ପୋଲିସ ଲୋକନାଥକୁ ପଚରାଉଚରା କରିବା ପରେ ସମଳାକୁ ହତ୍ୟା କରିଥିବା ସ୍ୱୀକାର କରିଥିଲା । ହତ୍ୟା ପରେ ମୃତଦେହକୁ ଜଙ୍ଗଲରେ ପୋତି ଦେଇଥିବା ପୋଲିସକୁ କହିଥିଲା । କୋଟପାଡ଼ ଥାନା ଅଧିକାରୀ ପ୍ରେମାନନ୍ଦ ସୁନାନି, ସାଇଣ୍ଟିଫିକ୍ ଟିମ୍, ଅତିରିକ୍ତ ଏସ୍‌ପି ମନୋଜ କୁମାର ବେହେରା, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ପର୍ଶୁରାମ ଭତ୍ରାଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହ ଉଦ୍ଧାର କରିଥିଲା । ସମଳାଙ୍କ ମର ଶରୀର ପଚି ଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ପଠାଯାଇଛି । ପୋଲିସ ହତ୍ୟା ମାମଲା ରୁଜୁ କରି ଲୋକନାଥକୁ କାବୁ କରି ତଦନ୍ତ କରୁଛି ।



# ବନ୍ୟାଞ୍ଚଳରେ ଅଭାବନୀୟ ଦୃଶ୍ୟ:ଅଣ୍ଟାଏ ପାଣିରେ ୨ କିମି ଚାଲିଲେ ଶବବାହକ

**ବାଲିଆପାଳ, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣରେଖା ବନ୍ୟା ଲୋକଙ୍କୁ ନାକେଦମ୍ କରୁଛି । ଶୁକ୍ରବାର ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ମଧୁପୁରା ପଞ୍ଚାୟତରେ ଦେଖିବାକୁ ମିଳିଥିଲା ଏକ ସମ୍ବେଦନଶୀଳ ଘଟଣା । ଶେଷକୃତ୍ୟ ପାଇଁ ଶବ ବାହକମାନେ ଅଣ୍ଟାଏ ଉଚ୍ଚ ବନ୍ୟା ପାଣିରେ ୨ କିମିରୁ ଅଧିକ ରାସ୍ତା ଚାଲିଥିଲେ । ପ୍ରତିବର୍ଷ ସୁବର୍ଣ୍ଣରେଖାରେ ବନ୍ୟା ଆସୁଛି । ଚଳିତବର୍ଷ ନଦୀରେ ୪ ଥର ବନ୍ୟା ଆସି ସାରିଲାଣି । ଆସିଥିବା ବନ୍ୟାରେ ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ୬ଟି ପଞ୍ଚାୟତର ୩୦ରୁ ଅଧିକ ଗାଁ'ରେ ପାଣି ପଶିଛି । ଏମିତି ସମୟରେ ଆଜି ଭୋର୍ ସମୟରେ କିଡ଼୍‌ନି ରୋଗରେ ପୀଡ଼ିତ ଥିବା ମଧୁପୁରା ପଞ୍ଚାୟତ ଚୈଧୁରୀକୁଦ ଗ୍ରାମର ମଧୁ ପ୍ରମାଣିକ (୫୪)ଙ୍କର ଦେହାନ୍ତ ହୋଇଯାଇଥିଲା । ଗାଁ ସହ ଶ୍ମଶାନ ବନ୍ୟା ପାଣିରେ ବୁଡ଼ି ରହିଥିବା ବେଳେ ପରିବାର ଲୋକ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯିବାକୁ ସ୍ଥିର କରିଥିଲେ । ହେଲେ ମୁଖ୍ୟ ରାସ୍ତାରେ ଛିଡ଼ା ରହିଥିବା ସ୍ୱର୍ଗରଥ ଯାଏଁ ଶବ ନେବା ପାଇଁ ସମସ୍ତେ ନାକେଦମ୍ ହୋଇଥିଲେ । ବାହକମାନେ ଅଣ୍ଟାଏ ଉଚ୍ଚ ବନ୍ୟା ପାଣିରେ ପଶି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଶବ ବୋହି ନେଇଥିବା ଦେଖିବାକୁ ମିଳିଥିଲା । ଗାଁକୁ ବନ୍ୟା କାଳ ହେଉଥିବାବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ଚୈଧୁରୀକୁଦ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।

# ୨୩୬ ଲିଟର ମଦ ଜବତ:୪ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

କାଲିମେଳା ଥାନା ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତ ସଙ୍ଗେଲ ଗ୍ରାମରୁ ପୋଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି । ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ରାମ ନାଥ ମୁଦୁଲିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଟ୍ରୋଲିଂରେ ବାହାରିଥିଲେ ଏହି ସମୟରେ ସଙ୍ଗେଲ ଗ୍ରାମ ନିକଟରେ ଏକ ବୋଲେରୋ ଗାଡିଥିବା ଦେଖି ସନ୍ଦେହ ହେବାରୁ ଗାଡି ଯାଞ୍ଚ କରିବାରୁ ୨୮ଟି କାର୍ଟୁନ୍ ପେଟିରେ ମଦ ଥିବା ଦେଖିବାକୁ ପାଇଥିଲେ । ସେମାନଙ୍କ ଠାରୁ ୨୩୫ ଲିଟର ୮୦୦ ମିଲିଗ୍ରାମ୍ ମଦ ଜବତ କରାଯାଇଥିଲା । ଅଭିଯୁକ୍ତମାନେ ଗିରଫ କରିଥିଲେ । ଗାଡିକୁ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଅରବିନ୍ଦ କୁମାର, କନ୍ଦନ କୁମାର, ଅଭିଷେକ କୁମାର ଏବଂ ବିହାରର ନୀରଜ କୁମାରକୁ । ସମସ୍ତେ କାଳିମେଳା ସାଲବଗନ ଠାରେ ଥିବା ମଦ ଦୋକାନର କର୍ମଚାରୀ । କାଳିମେଳା ଥାନା କେସ୍ ନମ୍ବର ୧୬୪/୨୫ରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି ।

# କେନ୍ଦୁଝର ସହରରେ ସୁନା ଚେନ୍ ଲୁଟେରାଙ୍କ ଆତଙ୍କ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସହରରେ ସୁନା ଚେନ୍ ଲୁଟେରାଙ୍କ ଆତଙ୍କ ରାଜ । ସନ୍ଧ୍ୟା ବେଳେ ଏକାଧିକ ଜାଗାରେ ମହିଳାଙ୍କ ବେକରୁ ଛିଣ୍ଡାଇ ନେଲେ ଏହି ଚେନ୍ ଲୁଟେରା ଗ୍ୟାଙ୍ଗ । । ଏପରିକି ମହିଳା ପୋଲିସ କର୍ମଚାରୀ ବି ଏହି ଲୁଟ୍‌ରୁ ବଞ୍ଚି ପାରିନାହାନ୍ତି । ସହରରେ ପାଞ୍ଚରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ଗ୍ୟାଙ୍ଗ ସୁନାଚେନ୍ ଲୁଟ୍ କରି ଫେରାର୍ ହେବାରେ ସଫଳ ହୋଇଛି । କିନ୍ତୁ ଖବରପାଇ ଟାଉନ୍ ପୋଲିସ ପିଛା କରିଥିଲେ ମଧ୍ୟ ହାତ ଖାଲିଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀଙ୍କ ଖୋଦ୍ ଜିଲ୍ଲା ମୁଖ୍ୟାଳୟରେ ଚୋରୀ ଘଟଣା ନେଇ ପ୍ରଶ୍ନ ଉଠାଇବା ସହ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ପ୍ରକାଶ କରିଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାଏକ ।

**////////////////// ଗଣବଳାତ୍କାର ଘଟଣାକୁ ନେଇ ମାସେ ବିତିଲା //////////////////**

# ହଟିଲାନି ଅବ୍ୟବହୃତ ପିଣ୍ଡି, ରାତି ୮ ପରେ ବେଳାଭୂମି ଶୂନ୍‌ଶାନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆଜକୁ ଠିକ୍ ଏକ ମାସ ତଳେ ରାଜ୍ୟବାସୀ ରଜପର୍ବର ମଜା ନେଉଥିବା ବେଳେ ଗୋପାଳପୁର ବେଳାଭୂମିରେ ଘଟିଥିଲା ଗଣବଳାତ୍କାର । ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା । ଏହି ଘଟଣାକୁ ଓଡ଼ିଶା ସମେତ ଓଡ଼ିଶା ବାହାରେ ତୀବ୍ର ନିନ୍ଦା କରାଯାଇଥିଲା । କିନ୍ତୁ ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ଗୋପାଳପୁର ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାରେ ସକ୍ଷମ ହୋଇଥିଲା । ଘଟଣାର ଅଧିକ ତଦନ୍ତ କରିବାକୁ ଓଡ଼ିଶା ସରକାର ଏହାକୁ ରେଡ୍ ଫ୍ଲାଗ୍ ତଦନ୍ତର ମାନ୍ୟତା ଦେବା ସହ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଭାର ପ୍ରଦାନ କରିଥିଲେ । କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମଧ୍ୟ ଅଭିଯୁକ୍ତ ସମେତ ପୁରୁଷ ବନ୍ଧୁଙ୍କୁ ଘନ ଘନ ଜେରା କରାଯାଇଥିଲା । ଘଟଣାସ୍ଥଳରେ ଅପରାଧର ଦୃଶ୍ୟ ଅବତରଣ କରିଥିଲା । ଇତି ମଧ୍ୟରେ କ୍ରାଇମ୍‌ବ୍ରାଞ୍ଚ କୋର୍ଟରେ ସମସ୍ତ ରିପୋର୍ଟ ଦାଖଲ କରିଛି । ଘଟଣାକୁ ନେଇ ରାଜନୈତିକ ସ୍ତରରେ ବହୁ ତୁମ୍ବି ତୋଫାନ୍ ଦେଖାଦେଇଥିଲା । ବିରୋଧି ବିଜେଡ଼ି ଏବଂ କଂଗ୍ରେସ ଦଳର ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳ ଗସ୍ତ କରିଥିଲେ । ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତକୁ ଉଚିତ୍ ଦଣ୍ଡ ବିଧାନ କରାଯିବ ବୋଲି କହିଥିଲେ । ଏହାସହ ଉକ୍ତ ନିଛାଟିଆ ଅଞ୍ଚଳରେ ଓଟିଡ଼ିସି ପକ୍ଷରୁ ବିଚ୍ ସେକ୍ ନିର୍ମାଣ ନିମନ୍ତେ କରାଯାଇଥିବା ଦୋକାନ ଗୃହ, ସିମେଣ୍ଟ ପିଣ୍ଡି (ଯେଉଁଠାରେ ଗଣବଳାତ୍କାର କରାଯାଇଥିଲା) ଏବଂ ସେଠାରେ ଥିବା ଚାରୋଟି କଟେଜ୍‌କୁ ତୁରନ୍ତ ଭାଙ୍ଗିବା ଓ ହଟାଇବା ସହ ବେଳାଭୂମି ଅଞ୍ଚଳର ଅନ୍ଧାରୁଆ ସ୍ଥାନରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ କନିଷ୍ଠ ତହସିଲଦାର ଓ ଗୋପାଳପୁର ଏନ୍‌ଏସିକୁ ତାଗିଦ୍ କରିଥିଲେ । କିନ୍ତୁ ଘଟଣାର ଏକ ମାସ ହୋଇଥିବା ବେଳେ ଘଟଣାସ୍ଥଳରେ ଥିବା ନିର୍ମାଣାଧୀନ ଗୃହଗୁଡ଼ିକ ଭଙ୍ଗା ଯାଇ ପାରିନଥିବା ବେଳେ ବେଳାଭୂମି ଅଞ୍ଚଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନାହିଁ । ଏ ସମ୍ପର୍କରେ କନିଷ୍ଠ ତହସିଲଦାର କବିରାଜ ପ୍ରଧାନଙ୍କୁ ପଚରାଯିବାରୁ ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଘଟଣା ଘଟିଥିବା ସ୍ଥାନରେ ତଦନ୍ତ ଚାଲୁ ରହିଥିବାରୁ ଏହାକୁ ଭାଙ୍ଗିବା ନିମନ୍ତେ କ୍ଲିଏରାନ୍ସ ମିଳିପାରିନାହିଁ । କ୍ଲିଏରାନ୍ସ ମିଳିବା ପରେ ତୁରନ୍ତ ଭାଙ୍ଗି ଦିଆଯିବ ବୋଲି ସେ କହିଛନ୍ତି । ବେଳାଭୂମିରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ଏନ୍‌ଏସି ପକ୍ଷରୁ ଏକ ପ୍ରସ୍ତାବ ବିଭାଗକୁ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି । ଇତିମଧ୍ୟରେ ଉକ୍ତ ଘଟଣା ପରେ ଗୋପାଳପୁର ପୋଲିସ ପକ୍ଷରୁ ବେଳାଭୂମି ଅଞ୍ଚଳରେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ରାତି ୮ଟା ପରେ ବେଳାଭୂମି ଅଞ୍ଚଳରେ ପର୍ଯ୍ୟଟକଙ୍କ ବୁଲାବୁଲି ଉପରେ କଟକଣା ଲଗାଯାଇଛି । ପୋଲିସ ପକ୍ଷରୁ ସନ୍ଧ୍ୟା ନଇଁବା ପରେ ବେଳାଭୂମିର ଅନ୍ଧାରୁଆ ସ୍ଥାନ ଗୁଡ଼ିକରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ପର୍ଯ୍ୟଟକଙ୍କ ଚଳପ୍ରଚଳ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି । ଏହି ଘଟଣା ପରେ ଗୋପାଳପୁର ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ରହିଥିବା ଦେଖିବାକୁ ମିଳିଛି ।

# ମାଞ୍ଚେଷ୍ଟରରେ ବୁମ୍‌ରାଙ୍କୁ ଖେଳାଇବାକୁ ବାଧ୍ୟ !



**ଲଣ୍ଡନ୍**

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ତେନ୍ଦୁଲକର-ଆଣ୍ଡରସନ୍ ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ରହିଛି । ଆସନ୍ତା ସପ୍ତାହ ବୁଧବାରଠାରୁ ମାଞ୍ଚେଷ୍ଟର୍‌ରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ ପାଇଁ ଭାରତୀୟ ଦଳ ମଧ୍ୟ ଗୁରୁବାରଠାରୁ ଅଭ୍ୟାସ ପର୍ବ ଆରମ୍ଭ କରି ଦେଇଛି । କେବଳ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ଋଷଭ ପନ୍ତ୍ ଅଭ୍ୟାସ ନ କରି ଜିମ୍‌ରେ ସମୟ କାଟିଛନ୍ତି । ପ୍ରତିଥର ଭଳି ଏଥର ମଧ୍ୟ ବୁମ୍‌ରାଙ୍କ କାର୍ଯ୍ୟଭାର ପରିଚାଳନା ବି ଚର୍ଚ୍ଚାକୁ ଆସିଛି । ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍ କହି ସାରିଛନ୍ତି । ଏହି ଗସ୍ତରେ ବୁମ୍‌ରା ୩ଟି ଟେଷ୍ଟ ଖେଳିବେ । ସେହି ଦୃଷ୍ଟିରୁ ପରବର୍ତ୍ତୀ ଶେଷ ୨ଟିରୁ ବୁମ୍‌ରା ଗୋଟିଏ ଖେଳିବେ । ଭାରତ ଏବେ ଶୃଙ୍ଖଳାରେ ପଛରେ ପଡ଼ିଥିବାରୁ ବୁମ୍‌ରାଙ୍କୁ ଖେଳାଇବା ଭାରତ ପାଇଁ ବାଧ୍ୟବାଧକତା ପରିସ୍ଥିତି ସୃଷ୍ଟି ହୋଇଛି । ମାଞ୍ଚେଷ୍ଟର ଟେଷ୍ଟ ଆଉ ୪ ଦିନ ଥିବାରୁ ବୁମ୍‌ରା ବି ଲର୍ଡସ କ୍ଳାନ୍ତିରୁ ବାହାରି ସତେଜ ହୋଇଯାଇଥିବେ । ଭାରତୀୟ ବୋଲିଂର ବୁଲେଟ୍ ଭାବେ ବିବେଚିତ ହେଉଥିବାରୁ ବୁମ୍‌ରାଙ୍କୁ ବି କୌଣସି ମତେ ଏହି ଟେଷ୍ଟ ଖେଳିବାର ଆବଶ୍ୟକତା ରହିଛି । ଆମେ ଜାଣିଛୁ ବୁମ୍‌ରା ଶେଷ ଦୁଇଟିରୁ ଗୋଟିଏ ଟେଷ୍ଟ ଖେଳିବେ । ଶୃଙ୍ଖଳା ଜୀବନ୍ତ ଥିବାରୁ ତାଙ୍କୁ ଖେଳାଇବାକୁ ପଡିବ ବୋଲି କହିଛନ୍ତି ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ରାନ୍ ଟେନ୍ ଡସେଟ୍ । ଆମେ ସମସ୍ତ ଦିଗକୁ ବି ଦେଖୁଛୁ, ଚତୁର୍ଥ ଟେଷ୍ଟ ପାଇଁ କିଛି ଦିନ ବିରାମ ରହିଛି । ମ୍ୟାଚ ଜିତିବାକୁ ଆମ ନିକଟରେ ଶ୍ରେଷ୍ଠ ସୁଯୋଗ ବି ରହିଛି ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ ।

ଭାରତୀୟ ଦଳ ପାଇଁ ଅନ୍ୟତମ ଚିନ୍ତାର କାରଣ ହେଉଛି ରିଜର୍ଭ ଦ୍ରୁତ ବୋଲର ଅର୍ଶଦୀପ ସିଂହ । ଗୁରୁବାର ଅଭ୍ୟାସ ସମୟରେ ନିଜ ହାତରେ ଆଘାତ ପାଇଛନ୍ତି । ତାଙ୍କ ବାମହାତ ଗୁରୁତର ରହିଥିବା ଅନୁମାନ କରାଯାଉଛି । ପ୍ରସିଦ୍ଧ କୃଷ୍ଣ ପ୍ରଥମ ଦୁଇ ଟେଷ୍ଟରେ ରଙ୍ଗହୀନ ଥିବାରୁ ବୁମ୍‌ରାଙ୍କ ବିକଳ୍ପ ଅର୍ଶଦୀପ ଥିଲେ । ଏବେ ବୁମ୍‌ରାଙ୍କ ଉପରେ ଭାରତ ନିର୍ଭର କରିବାକୁ ବାଧ୍ୟ ହେବ । ଆହତ ସମସ୍ୟା ଭିତରେ ରହିଥିଲେ ମଧ୍ୟ ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ବୋଲିଂ କରିବା ସହ ଇଂଲଣ୍ଡକୁ ଜିତାଇ ପାରୁଛନ୍ତି । ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ରାନ ଟେନ ଡସେଟ୍ କିନ୍ତୁ କହିଛନ୍ତି, ଆମକୁ ଆମ ସାମର୍ଥ୍ୟ ଯୋଜନାରେ ଖେଳିବାକୁ ପଡ଼ିବ, ଅନ୍ୟର ନୁହେଁ । ବୁମ୍‌ରା ଛୋଟ ଛୋଟ ସ୍ପେଲ ବୋଲିଂ କରିବାକୁ ପସନ୍ଦ କରନ୍ତି । ସିରାଜ ଓ ଷ୍ଟୋକ୍ସଙ୍କ ଭଳି ବୋଲର ସପ୍ତମ, ଅଷ୍ଟମ କି ନବମ ଓଭରରେ ବି ଭଲ ପ୍ରଦର୍ଶନ କରିପାରନ୍ତି, ଯାହା ଅନ୍ୟ କେହି କରିପାରି ନଥାନ୍ତି ବୋଲି ମଧ୍ୟ ସେ କହିଥିଲେ । ଲର୍ଡସ ଟେଷ୍ଟ ଅବସରରେ ଆହତ ହୋଇଥିବା ୱିକେଟ୍‌ରକ୍ଷକ ବ୍ୟାଟର ଋଷଭ ପନ୍ତ୍ ମଧ୍ୟ ଖେଳିବେ ବୋଲି ସେ ସୂଚନା ଦେଇଛନ୍ତି । କିନ୍ତୁ ସେ କିପିଂ କରିପାରିବେ କି ନା ଦେଖିବାକୁ ପଡ଼ିବ, ଏଭଳି କ୍ଷେତ୍ରରେ ଧ୍ରୁବ ଜୁରେଲ ବି ଖେଳିପାରନ୍ତି ବୋଲି ସେ କହିଥିଲେ । ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ କିନ୍ତୁ କହିଛନ୍ତି ପନ୍ତ ଯଦି କିପିଂ କରିପାରିବେ ନାହିଁ ତେବେ ଖେଳିବା ଉଚିତ ନୁହେଁ ।

# ଏସିଆ କପ୍ ଖେଳିବ ନାହିଁ ଟିମ୍ ଇଣ୍ଡିଆ

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫ ଆୟୋଜନକୁ ନେଇ ସମସ୍ୟା ଦେଖାଦେଇଛି ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ । ଏସୀୟ କ୍ରିକେଟ ପରିଷଦର ବାର୍ଷିକ ବୈଠକ ସମ୍ପର୍କରେ ଏକ ବଡ଼ ମତ ରଖିଛି । ଏହି ବୈଠକ ଜୁଲାଇ ୨୪ରେ ବାଂଲାଦେଶର ରାଜଧାନୀ ଢାକାରେ ଅନୁଷ୍ଠିତ ହେବାକୁ ଯାଉଛି, କିନ୍ତୁ ଭାରତ ସ୍ପଷ୍ଟ କରିଛି ଯେ ଯଦି ବୈଠକର ସ୍ଥାନ ପରିବର୍ତ୍ତନ କରା ନ ଯାଏ, ତେବେ ବୈଠକରେ ନିଆଯାଇଥିବା ଯେକୌଣସି ନିଷ୍ପତ୍ତିକୁ ବର୍ଜନ କରିବ ।

ରିପୋର୍ଟ ଅନୁଯାୟୀ, ବାଂଲାଦେଶରେ ବର୍ତ୍ତମାନର ପରିସ୍ଥିତି ଏବଂ ବଢ଼ୁଥିବା ରାଜନୈତିକ ଉତ୍ତେଜନାକୁ ଦୃଷ୍ଟିରେ ରଖି, ବିସିସିଆଇ ପୂର୍ବରୁ ଏସିସିକୁ ବୈଠକର ସ୍ଥାନ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲା । ତଥାପି, ଏସିସି ସଭାପତି ମୋହସିନ ନକଭିଙ୍କଠାରୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ମୋହସିନ ବର୍ତ୍ତମାନ ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ଏସିସିର ଅଧ୍ୟକ୍ଷ ଅଛନ୍ତି ।

ସୂଚନାଅନୁଯାୟୀ, ଏସିସି ଅଧ୍ୟକ୍ଷ ମୋହସିନ ଭାରତ ଉପରେ ଅନାବଶ୍ୟକ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ବିସିସିଆଇ ତାଙ୍କୁ ବୈଠକର ସ୍ଥାନ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ଏହା ପରେ, ବିସିସିଆଇ ଏବେ ଏକ ବଡ଼ ନିଷ୍ପତ୍ତି ନେଇଛି ।

ସୂତ୍ର ଅନୁସାରେ, ବିସିସିଆଇ କହିଛି, ଏସିଆ କପ କେବଳ ସେତେବେଳେ ହୋଇପାରିବ ଯଦି ବୈଠକର ସ୍ଥାନ ଢାକାରୁ ପରିବର୍ତ୍ତନ କରାଯାଏ । ଏସିସି ସଭାପତି ମୋହସିନ ବୈଠକ ପାଇଁ ଭାରତ ଉପରେ ଅନାବଶ୍ୟକ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି । ଆମେ ପୂର୍ବରୁ ତାଙ୍କୁ ସ୍ଥାନ ପରିବର୍ତ୍ତନ କରିବାକୁ କହିଥିଲୁ । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ଯଦି ମୋହସିନ ଢାକାରେ ବୈଠକ ପାଇଁ ଆଗକୁ ବଢ଼ନ୍ତି, ତେବେ ବିସିସିଆଇ ଯେକୌଣସି ନିଷ୍ପତ୍ତିକୁ ବର୍ଜନ କରିବ ।




ଭାରତ ପାଖରେ ଏସିଆ କପ ଆୟୋଜନ ଅଧିକାର ଅଛି । କିନ୍ତୁ ଏସିଆ କପ ସମ୍ପର୍କରେ ସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଟୁର୍ନାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ ଏବଂ ଏଥିରେ ୬ଟି ଦଳ ଅଂଶଗ୍ରହଣ କରିବେ । କିନ୍ତୁ ଏହାର ତାରିଖ କିମ୍ବା ସ୍ଥାନ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏହା ବିଶ୍ୱାସ କରାଯାଉଛି ଯେ ଯଦି ସବୁକିଛି ଠିକ ଠାକ ହୁଏ, ତେବେ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୦୨୫ରେ ଅନୁଷ୍ଠିତ ହୋଇପାରେ ।

# ବିସିସିଆଇର ରେକର୍ଡ ୯୭୪୧.୭ କୋଟି ରାଜସ୍ୱ ସଂଗ୍ରହ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୯୭୪୧.୭ କୋଟି ଟଙ୍କାରୁ ରାଜସ୍ୱ ସଂଗ୍ରହ କରିଛି । ଏଥିରେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଯୋଗଦାନ ୫୯ ପ୍ରତିଶତ ରହିଛି । ଆଇପିଏଲ୍‌ରୁ ୫୭୬୧ କୋଟି ଟଙ୍କା ମିଳିଥିଲା ବେଳେ ବୋର୍ଡ ୩୬୧ କୋଟି ଟଙ୍କା ଅଣଆଇପିଏଲ୍ ମିଡିଆ ରାଇଟ୍‌ସରୁ ପାଇଥିଲା । ୨୦୦୮ରେ ଆଇପିଏଲ୍ ଆରମ୍ଭରୁ ବିସିସିଆଇକୁ ଲାଭ ଦେଇଆସୁଛି । ଖାଲି ବିସିସିଆଇ ନୁହେଁ ରଣଜୀ ସହ ବିଭିନ୍ନ ସ୍ତରର ଖେଳାଳି ମଧ୍ୟ ଏହା ଦ୍ୱାରା ଲାଭବାନ ହେଉଛନ୍ତି ।




ବିସିସିଆଇର ରାଜସ୍ୱ ବୃଦ୍ଧି ଦେଖି ଅନ୍ତର୍ଜାତୀୟ କ୍ରିକେଟ୍ ବୋର୍ଡଗୁଡ଼ିକ ସହଭାଗିତା ଲାଗି ଆଗ୍ରହ ଦେଖାଉଛନ୍ତି । ଭାରତୀୟ ପୁରୁଷ ଖେଳାଳିଙ୍କୁ ଆକୃଷ୍ଟ କରିବା ଲାଗି ଦ ହଣ୍ଡ୍ରେଡ୍ ପ୍ରତିଯୋଗିତାର କିଛି ଅଂଶ ଭାରତକୁ ଦେବାକୁ ଲଙ୍କାସାୟାର କାଉଣ୍ଟି କ୍ରିକେଟ୍ କ୍ଲବ୍ ସର୍ବଦା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ପରାମର୍ଶ ଦେଉଛି ।

# କେନ୍ଦ୍ର ସରକାରଙ୍କ ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ପାର୍ସଲ ବୋମା ବିସ୍ଫୋରଣରେ ୭୫ ପ୍ରତିଶତ ଅକ୍ଷମ ଜଣେ ଅବସରପ୍ରାପ୍ତ ଡାକ ସହାୟକଙ୍କୁ କ୍ଷତିପୂରଣ ପ୍ରଦାନ ସପକ୍ଷରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଡାକ ସହାୟକଙ୍କୁ ଦିବ୍ୟାଙ୍ଗ ପେନସନ ବଦଳରେ ଏକକାଳୀନ ୧ ଲକ୍ଷ ୮୩ ହଜାର ୮୨୩ ଟଙ୍କା ପ୍ରଦାନ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ଦେଇଥିବା ରାୟକୁ ଚାଲେଞ୍ଜ କରି କେନ୍ଦ୍ର ସରକାର-ଡାକ ବିଭାଗ ଦାୟର କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ମାମଲାର ପ୍ରତିପକ୍ଷ ପୂର୍ବତନ ଡାକ କର୍ମଚାରୀ ପ୍ରଣବାନନ୍ଦ ଦାସ ଡାକ ସହାୟକ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ପାର୍ସଲ ବୋମା ବିସ୍ଫୋରଣ ଯୋଗୁଁ ଗୋଟିଏ ଗୋଡ଼ ଓ ଗୋଟିଏ ହାତ ହରାଇଥିଲେ । ତାଙ୍କ ଦ୍ୱାରା ଦାବି କରାଯାଇଥିବା ଏକକାଳୀନ କ୍ଷତିପୂରଣ




ରାଶି ଅତ୍ୟଧିକ ନୁହେଁ, ତେଣୁ ଏହି ମାମଲାରେ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ତେଣୁ ଏପରି ରାୟକୁ ଚାଲେଞ୍ଜ କରି ଦାୟର ମାମଲାକୁ ଖାରଜ କରାଯାଉଛି ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି । ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର-ଡାକ ବିଭାଗ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ସିଭିଲ୍ ସର୍ଭିସେସ୍ (ଛୁଟି) ନିୟମାବଳୀ ଅଧୀନରେ ଅକ୍ଷମତା ଓ ହସ୍ପିଟାଲ ଛୁଟି ଆଧାରରେ ଏହି ଅବଧି ପାଇଁ ତାଙ୍କୁ ଛୁଟି ମଞ୍ଜୁର କରାଯାଇଥିଲା । ୨୦୧୦, ନଭେମ୍ବର ୩୦ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ । ଭିନ୍ନକ୍ଷମ ପେନସନ୍ କିମ୍ବା ଏକକାଳୀନ କ୍ଷତିପୂରଣ ରାଶି ନ ମିଳିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ । ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ପରେ ଡାକ ବିଭାଗ ବରିଷ୍ଠ ଅଧୀକ୍ଷକ (ଏସଏସପିଓ) ୨୦୧୫, ଜାନୁଆରୀ ୩୦ରେ ଏକକାଳୀନ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ବରିଷ୍ଠ ବିତ୍ତ ଅଧିକାରୀଙ୍କୁ ଚିଠି କରିଥିଲେ । ବିଳମ୍ବ କାରଣରୁ ପ୍ରଣବାନନ୍ଦଙ୍କ ଦାବିକୁ ଅଗ୍ରାହ୍ୟ କରାଯିବାରୁ ସେ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରିଥିଲେ । ୨୦୧୯, ଜୁନ ୧୩ର ଖାରଜ ନିର୍ଦ୍ଦେଶକୁ ଟ୍ରିବୁନାଲ ରଦ୍ଦ କରିବା ସହିତ ଏସଏସପିଓଙ୍କ ଆଦେଶକୁ କାର୍ଯ୍ୟକାରୀ କରି ପ୍ରଣବାନନ୍ଦଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଥିଲେ । ଏପରି ରାୟକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ ।

# ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଭକ୍ତକବି ମଧୁସୂଦନଙ୍କ ସ୍ମୃତିଚାରଣ ଓ ସାରସ୍ୱତ କାର୍ଯ୍ୟକ୍ରମ

**ରାଉରକେଲା, ନ୍ୟୁଜ୍**

ରାଉରକେଲା ସହରର ଅନ୍ୟତମ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଭକ୍ତକବି ମଧୁସୂଦନଙ୍କ ସ୍ମୃତିଚାରଣ ଓ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ଅବସରରେ 'ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ' ଶୀର୍ଷକ ଆଲୋଚନା ସଂସଦର ସେକ୍ଟର-୭ ସ୍ଥିତ କାର୍ଯ୍ୟାଳୟଠାରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ଓ ଗବେଷକ ଡ. ଉମାକାନ୍ତ ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥି ଯୋଗଦେଇଥିଲେ । ଓଡ଼ିଆ ସାହିତ୍ୟକୁ ମଧୁସୂଦନ ରାଓଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଶେଷ କରି ଭକ୍ତି ଗୀତ ଓ କବିତା ସମ୍ପର୍କରେ ଡ. ପଣ୍ଡା ଆଲୋକପାତ କରିଥିଲେ । ସେହିଭଳି ଶ୍ରୀମତୀ କବି ଶତପଥି ତତ୍କାଳୀନ ଓଡ଼ିଶାରେ ଓଡ଼ିଆ ଭାଷା ଶିକ୍ଷା କରିବା ପାଇଁ ବର୍ଣ୍ଣବୋଧ ଓ ଶିଶୁବୋଧ ଭଳି ପୁସ୍ତକର ରଚନା ଓ ଏହାର ଆବଶ୍ୟକତା ଏବଂ ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ । ସଂସଦର ସଦସ୍ୟ ବିଭୁ ପ୍ରସାଦ ନାୟକଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିବାଳା ରାଉତରାୟ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ସଂସଦର ସାଧାରଣ ସଂପାଦକ ମନୋଜ ନନ୍ଦ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଂସଦ ପକ୍ଷରୁ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

# ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ପରିବେଶ ସୁରକ୍ଷା ଜୀବନ ରକ୍ଷା ନାରା ଦେଇ ବରଗଡ଼ ସହରରେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳର ପ୍ରତିନିଧି, ସରକାରୀ ଅଧିକାରୀ, ବୁଦ୍ଧିଜୀବୀ, ଯୁବ ସଂଗଠନ, ମହିଳା ସମିତିର ପ୍ରତିନିଧିମାନେ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବରଗଡ଼ ପୁରୁଣା କଚେରୀ ପ୍ରାଙ୍ଗଣ, ମୁଖ୍ୟ ରାସ୍ତା କଡ଼, ଜର୍ଜ ହାଇସ୍କୁଲ ପଡ଼ିଆରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା । ପୂର୍ବରୁ ପରିବେଶ ସୁରକ୍ଷା ଓ ସାମୁହିକ ବୃକ୍ଷ ରୋପଣ ସମ୍ପର୍କିତ ଆଲୋଚନା ଚକ୍ରରେ ବରଗଡ଼ର ସମସ୍ତଙ୍କୁ ନେଇ ବୃକ୍ଷ ରୋପଣ କରିବାକୁ ନିଷ୍ପତ୍ତି ହୋଇଥିଲା । ସେହିକ୍ରମେ ରବିବାର ଦିନ ପ୍ରକୃତିପ୍ରେମୀମାନେ ଆସି ବୃକ୍ଷ ଲଗାଇବା ସହ ନାଗରିକ ମଞ୍ଚର ସଭାପତି ଭୀଷ୍ମଦେବ ସରଫଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆସିଷ୍ଟାଣ୍ଟ କଲେକ୍ଟର ପଣ୍ଡା ସାର, ବିଜେପି ଜିଲ୍ଲା ସଭାପତି ଅରୂପା ସାହୁ, କଂଗ୍ରେସ ଜିଲ୍ଲା ସଭାପତି ହରଦୀପ ସିଂ, ଭରତ ମହାନ୍ତି, ବୀରେନ୍ଦ୍ର ପ୍ରଧାନ, ଆଇନଜୀବୀ ରମେଶ ପତି, କିରଣ ମିଶ୍ର, ସୁଶୀଲ ଶତପଥୀ, ଅନୁପ ଶତପଥୀ, ବିରବଲ ମହାକୁଡ଼, ବିକାଶ ଅଗ୍ରୱାଲ, ପୁରନ୍ଦର ଭୋସାଗର ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରି ଥିଲେ ।

## ବୃକ୍ଷରୋପଣ ଓ ଜୈବବିବିଧତାର ସୁରକ୍ଷା ନିମନ୍ତେ ଆହ୍ୱାନ

**କେନ୍ଦୁଝର, ନ୍ୟୁଜ୍**

ଶୁକ୍ରବାର ଦିନ, ଧରଣୀଧର ବିଶ୍ୱବିଦ୍ୟାଳୟ, ଫାଉଣ୍ଡେସନ ଫର୍ ଇକୋଲଜିକାଲ ସିକ୍ୟୁରିଟି କେନ୍ଦୁଝର ଓ କେନ୍ଦୁଝର ଡେଭଲପମେଣ୍ଟର ମିଳିତ ସହଯୋଗରେ, ଧରଣୀଧର ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ତିନିଦିନିଆ 'ସ୍ଥାନୀୟ ମଞ୍ଜିକୁ ନେଇ ମାଟିଗୁଳା' ପ୍ରସ୍ତୁତ କରିବା ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଉଦଘାଟନ ଉତ୍ସବରେ ଅତିଥି ମାନେ ମା ତାରିଣୀଙ୍କୁ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ । ତତ୍ ସହିତ ବୃକ୍ଷ ଦେବତା ଫଳନ୍ତି ଆମ୍ବ ଗଛରେ ଜଳଦାନ ପୂର୍ବକ କାର୍ଯ୍ୟକ୍ରମ ଉଦ୍ଘାଟନ ମିଳିତ ଭାବରେ ଅତିଥି ମାନେ କରିଥିଲେ । ଉଦ୍‌ଘାଟନୀ ସଭାରେ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଡକ୍ଟର ପ୍ରତାପ ଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରି କହିଲେ, ଜାପାନ ପରିବେଶ ବହୁତ୍ ସୁନ୍ଦର, ପରିଷ୍କାର ପରିଚ୍ଛନ୍ନ ତଥା ସବୁଜିମା ରେ ପରିପୂର୍ଣ୍ଣ । ବୃକ୍ଷରୋପଣ ଓ ଜୈବବବିଧତାର ସୁରକ୍ଷା ନିମନ୍ତେ ଆହ୍ୱାନ ଦେଇଥିଲେ ।

# ହସ୍ପିଟାଲରେ ଗଳା କାଟି ରୋଗୀଙ୍କ ଆତ୍ମହତ୍ୟା : ତଦନ୍ତ ଜାରି

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଧୀନ ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରେ ଗଳା କାଟି ଜଣେ ରୋଗୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ମୃତକ ଯୋଡ଼ା ୭ନଂ ୱାର୍ଡ଼ ଉଲ୍ଲିହଟିଂ ସହିଦନଗର ଅଞ୍ଚଳର ସଞ୍ଜୟ ମୁଣ୍ଡାଙ୍କ ସ୍ତ୍ରୀ ବାଲମା ମୁଣ୍ଡା (୪୨) । ଗୋଡ଼ରେ କାଚ ଫୁଟି ସଂକ୍ରମଣ ଜନିତ ସମସ୍ୟା ଯୋଗୁଁ ୧୦ ତାରିଖରେ ଟାଟା ହସ୍ପିଟାଲର ଫିମେଲ ୱାର୍ଡ଼ର ବେଡ୍ ନଂ୪ରେ ସେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ତାଙ୍କ ଝିଅ ଆଟେଣ୍ଡାଣ୍ଟ ଭାବରେ ରହିଥିଲେ । ଗୁରୁବାର ବିଳମ୍ବିତ ରାତିରେ ଝିଅ ଶୋଇଥିବା ବେଳେ ସେ ନିଜର ଗଳା କାଟି ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି । ତେବେ ଏହି ଘଟଣା ପରେ ଟାଟା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାଁରେ



ଆସିଛି ସଙ୍ଗୀନ ଅଭିଯୋଗ । ଘଟଣାକୁ ଲୁଚାଇବା ପାଇଁ ପୋଲିସକୁ ନ ଜଣାଇ ଶୁକ୍ରବାର ସକାଳ ପ୍ରାୟ ୬ଟା ୨୦ରେ ମୃତଦେହକୁ ତାଙ୍କ ଘରକୁ ପଠାଇ ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଟାଟାଷ୍ଟିଲ ହସ୍ପିଟାଲରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

ପୋଲିସ ହସ୍ପିଟାଲରେ ପହଞ୍ଚି ବଲମା ଥିବା ବେଡର ସରଜମିନ ତଦନ୍ତ କରି ଦେଖିବାକୁ ପାଇଥିଲା ଯେ, ରକ୍ତାକ୍ତ ଚାଦର, ବେଡସିଟ, ତକିଆ ସେ ସ୍ଥାନରେ ନ ଥିଲା । ଏପରିକି ମୃତଦେହ ବାହାର କରିବା ପରେ ରକ୍ତ ଦାଗ ସବୁ ସଫା କରିବା ସହ ବେଡ୍‌କୁ ମଧ୍ୟ ଧୋଇ ଦିଆଯାଇଛି । ଘଟଣା ପ୍ରକଟ ହେବାପରେ ଟାଟାଷ୍ଟିଲ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି । ପୋଲିସ ପହଞ୍ଚି ଘଟଣାର ଛାନଭିନ ଆରମ୍ଭ କରିଛି । ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ, ବାମେବାରୀ ଆଇଆଇସି ଯସକେତନ ଭୋଇ ହସ୍ପିଟାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥିସହ ଟାଟାଷ୍ଟିଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ସୁଚିସ୍ମିତା ଦାସଙ୍କ ସହିତ ଆଲୋଚନା କରି ରାତ୍ରିକାଳୀନ ଡ୍ୟୁଟିରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ସମ୍ପର୍କରେ ପଚାରି ବୁଝିଥିଲେ । ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ବିଭିନ୍ନ ଦିଗକୁ ଆଧାର କରି ପୋଲିସ ଏହାର ତଦନ୍ତ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି । କେଉଁ ପରିସ୍ଥିତିରେ ପୋଲିସକୁ ନ ଜଣାଇ ମୃତଦେହ ପଠାଗଲା ସେନେଇ ମଧ୍ୟ ତଦନ୍ତ କରାଯିବ ବୋଲି ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି । ଏ ନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୨୩/୨୦୨୫ ରୁଜୁ ହୋଇଥିବା ଯୋଡା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।

# ହୋମଗାର୍ଡ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରି ଧାରଣା

**କେନ୍ଦ୍ରାପଡା ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ୧୨୧ ଟି ପଦବୀ ବାହାରିଥିଲା ।ଏହି ଚାକିରୀ କରିବା ପାଇଁ ୭୦୦୦ ହଜାର ଛାତ୍ରଛାତ୍ରୀ ଆବେଦନ କରିଥିଲେ । ଜୁନ ୦୬ ତାରିଖରେ କେନ୍ଦ୍ରାପଡା ଅଟୋନୋମସ କଲେଜରେ ଲିଖିତ ପରୀକ୍ଷା କରାଯାଇ ୧୨୪୬ ଜଣଙ୍କୁ ଚୟନ କରାଯାଇଥିଲା । ପରେ ୧୮ ଜୁନରେ ଶାରୀରିକ ପରୀକ୍ଷା କରାଯାଇଥିଲା । ପରେ ଜୁନ ୨୦ ରୁ ୨୪ ମଧ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ନିଜନିଜର ଥାନା ଅଞ୍ଚଳରେ ସାଧାରଣ ଜ୍ଞାନ ଓ ବିଭିନ୍ନ ଦକ୍ଷତା ଭିତିକ ପରୀକ୍ଷା




କରାଯାଇଥିଲା । ଏହି ସବୁ ପରୀକ୍ଷାରେ ଅନିୟମିତତା ହୋଇଥିବା ପରୀକ୍ଷାର୍ଥୀ ମାନେ ଅଭିଯୋଗ କରି ଏସପି ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସମସ୍ତ ପରୀକ୍ଷା ଫଳ ସାର୍ବଜନୀନ କରି ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇବା ପାଇଁ । କିନ୍ତୁ ବିଭାଗୀୟ ଅଧିକାରୀ ତଥା ଚୟନ କର୍ତ୍ତା ମାନେ ମୁଣ୍ଡ କାନ ହଲାଉ ନଥିବା ଅଭିଯୋଗ କରି ଶୁକ୍ରବାର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମୁଖରେ ଶତାଧିକ ପରୀକ୍ଷାର୍ଥୀ ମାନେ ଧାରଣା ଦେଇଛନ୍ତି ।

# ଅବହେଳିତ ଅବସ୍ଥାରେ ବିଏମସିର ସହରତଳି ଅଞ୍ଚଳ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହର ଭିତରେ ଥିଲେ ମଧ୍ୟ ମହାନଗର ନିଗମ ଅନ୍ତର୍ଗତ ନଥିବା ଯୋଗୁଁ ଅନେକ ଅଞ୍ଚଳରେ ମୌଳିକ ସମସ୍ୟା ଲାଗି ରହୁଛି । ବିଶେଷ କରି ରାସ୍ତାଘାଟ ଏବଂ ସଫେଇ ଦିଗରେ ବ୍ରହ୍ମପୁର ମହାନଗର ନିଗମ କୌଣସି ପଦକ୍ଷେପ ଗ୍ରହଣ କରିପାରୁନାହିଁ । ସେହିଭଳି ବ୍ଲକ୍ ପ୍ରଶାସନ ମଧ୍ୟ ନିଜ ଦାୟିତ୍ୱ ଠାରୁ ଦୂରେଇ ଯାଉଛନ୍ତି । ଏହା ଫଳରେ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଭଳି ଏକ ଅଞ୍ଚଳ ହେଲା ବ୍ରଜନଗର । ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବ୍ରଜନଗର ରହିଥିଲେ ମଧ୍ୟ କୁକୁଡ଼ାଖଣ୍ଡି ବ୍ଲକ୍ ଅଧୀନରେ ଆସୁଥିବା ଯୋଗୁଁ ଏଠାରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । କ୍ରମବର୍ଦ୍ଧିଷ୍ଣୁ ସହରର ଲୋକସଂଖ୍ୟା ଯେତିକି ବଢୁଛି, ପରିସୀମା ମଧ୍ୟ ବଢ଼ି ଚାଲିଛି ସହରର ନବକଳେବର ହେଉଛି । ନୂଆ ନୂଆ ସାହି ଯୋଡ଼ି ହେଉଛି । ବିଶେଷ କରି ସହର ଉପକଣ୍ଠ ଗତ କିଛି ବର୍ଷ ଭିତରେ ଅନେକ ମାତ୍ରାରେ



ପରିବର୍ଦ୍ଧିତ ହୋଇଛି । କିନ୍ତୁ ସେହିସବୁ ଅଞ୍ଚଳଗୁଡ଼ିକ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହୋଇପାରିନାହିଁ । ଏନେଇ ବର୍ଷ ବର୍ଷ ହେଲା ଆନ୍ଦୋଳନ ଚାଲିଛି । ଅନ୍ୟପଟେ ବ୍ଲକ୍ ଏବଂ ମହାନଗର ନିଗମ ପ୍ରଶାସନର ସୀମା ବିବାଦ ଭିତରେ ଅଂଚଳବାସୀ ଏକ ପ୍ରକାର ଫଶି ଯାଇଛନ୍ତି । ବ୍ରଜନଗର ଅଞ୍ଚଳ ଗତ କିଛି ବର୍ଷ ଭିତରେ ଏହାର ପରିସୀମା ବୃଦ୍ଧି କରିପାରିଛି । ଲୋକ ସଂଖ୍ୟା ବଢୁଛି । କିନ୍ତୁ ପୂର୍ବଭଳି ଏହା କୁକୁଡ଼ାଖଣ୍ଡି ବ୍ଲକ୍‌ର ଲୋଚାପଡ଼ା ପଞ୍ଚାୟତ ଅଧୀନରେ ରହିଛି । ତେବେ ପଞ୍ଚାୟତ ଅଧୀନରେ ଆସୁଥିବା ଯୋଗୁଁ ସାହିରେ ରାସ୍ତାଘାଟ ଏବଂ ସଫେଇ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏଣେ ଯୁଆଡ଼େ ଦେଖି ଖାଲି କୁଢ଼ କୁଢ଼ ଆବର୍ଜନା ଗଦା ହେବାରେ ଲାଗିଛି । ସାହି ସାହିରେ ଅଳିଆ । ବ୍ଲକ୍ ପ୍ରଶାସନ ତରଫରୁ ସଫେଇକୁ ଗୁରୁତ୍ୱ ଦିଆଯାଉନାହିଁ । ସହରରେ ଯେଉଁ କେତେକ ଜାଗା ଖାଲି ପଡ଼ିଛି ସେଠାରେ ଆବର୍ଜନା ଗଦା ହୋଇଛି । ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି । ବର୍ଷା ଜଳରେ ଆବର୍ଜନାଗୁଡ଼ିକ ପଚିଯାଉଛି । ଦୁର୍ଗନ୍ଧରେ ଘରେ ରହିବା କଷ୍ଟକର ହୋଇପଡୁଛି । ଆବର୍ଜନା ଯୋଗୁଁ ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ହେଉଛି । ଅଞ୍ଚଳବାସୀ ମେଲେରିଆ ଏବଂ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେହିଭଳି ଏହି ଅଞ୍ଚଳରେ ଅନେକ ଖାଲି ଜାଗା ମଧ୍ୟ ରହିଛି । ସେଗୁଡ଼ିକ ଖାଲ ଜାଗା ହୋଇଥିବା ଯୋଗୁଁ ବର୍ଷା ଜଳ ଏବଂ ନର୍ଦ୍ଦମା ଜମି ରହୁଛି । ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । କେବଳ ସଫେଇ ନୁହଁ, ରାସ୍ତାଘାଟ ମଧ୍ୟ ଅଞ୍ଚଳର ଏକ ପ୍ରମୁଖ ସମସ୍ୟା । ଏସବୁ ସମସ୍ୟାର ସମାଧାନ ଏବଂ ମୌଳିକ ସୁବିଧା ଯୋଗାଣ ପାଇଁ ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରିବାକୁ ଗୁରୁତ୍ୱ ଦେଉଛନ୍ତି ଅଞ୍ଚଳବାସୀ । ବିଳମ୍ବ ହେଲେ ମଧ୍ୟ ମହାନଗର ନିଗମରେ ଏସବୁ ଅଞ୍ଚଳକୁ ମିଶ୍ରଣ ପାଇଁ ଉଦ୍ୟମ ହୋଇଛି । ଲୋଚାପଡ଼ା ପଞ୍ଚାୟତ ତରଫରୁ ସଂକଳ୍ପ ପତ୍ର ଗୃହୀତ ହେବା ପରେ ବ୍ରହ୍ମପୁର ମହାନଗର ନିଗମର ସ୍ୱତନ୍ତ୍ର ବୈଠକରେ ମଧ୍ୟ ଏହାକୁ ମଞ୍ଜୁର ମିଳିଛି । ବର୍ତ୍ତମାନ ମିଶ୍ରଣ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ତରଫରୁ ପଠାଯିବ । ସରକାରଙ୍କ ତରଫରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ । ମହାନଗର ନିଗମରେ ମିଶ୍ରଣ ପରେ ସଫେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।





# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ନାବାଳିକାଙ୍କ...

ଥିବା ଏହି ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯାଇଛି । ତାଙ୍କ ବୟାନ ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଛି । ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିଗୁଡ଼ିକୁ ପୁଲିସ ଯାଞ୍ଚ କରୁଛି । ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଫେରାର ହୋଇଯାଇଛନ୍ତି ୩ ଦୁର୍ବୃତ୍ତ। ସେମାନେ ମୁହଁରେ ମୁଖା ପିନ୍ଧି ଆସିଥିଲେ ବୋଲି ପୀଡ଼ିତା ଜଣଙ୍କ ତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ କହିଥିଲେ। ନାବାଳିକା ଜଣଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତି ଜଣକ କହିଛନ୍ତି, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ମୋ ଘର ଭିତରକୁ ଦୌଡ଼ି ଆସିଥିଲା । ତା ଦେହରେ ନିଆଁ ଲାଗିଥିବାରୁ ତୁରନ୍ତ ତା ଉପରେ ପାଣି ଢାଳି ଦେଇଥିଲି । ନିଆଁ ଲିଭାଇ ତାକୁ ପୋଷାକ ପିନ୍ଧାଇଥିଲି । ତା ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଥିଲା। କାହାକୁ କହି ଦେଇ ଫେରୁଥିବା ବେଳେ ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ତା ଦେହରେ ନିଆଁ ଲଗାଇ ଦେଇଥିଲେ ବୋଲି ସେ କହିଥିଲା । ଦୁର୍ବୃତ୍ତମାନେ ମୁହଁରେ ମୁଖା ପିନ୍ଧିଥିଲେ ବୋଲି ସେ କହିଥିଲା। ସେମାନଙ୍କୁ ସେ ଚିହ୍ନି ନଥିବା କହିଥିଲା। ପୁରୀ ବଳଙ୍ଗା ଥାନାରେ ପୀଡ଼ିତାଙ୍କ ମା ଏତଲା ଦେଇଛନ୍ତି । ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ ଦୁର୍ବୃତ୍ତମାନେ ତାଙ୍କ ଝିଅ ମୁହଁରେ ରୁମାଲ ପକାଇ ଅଚେତ କରି ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ। ଝିଅ ସେମାନଙ୍କ କବଳରୁ ଖସି ଆସି ଦୌଡ଼ି ଗାଁକୁ ପଳାଇ ଆସିଥିଲା। ୩ ଦୁର୍ବୃତ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି । କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏବଂ ପୁରୀ ଏସ୍‌ପି ପିନାକ ମିଶ୍ର ବଳଙ୍ଗାରେ ପହଞ୍ଚି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛନ୍ତି। ଉକ୍ତ ନାବାଳିକାଙ୍କ ସାଙ୍ଗ ଓ ପରିବାର ଲୋକଙ୍କୁ ପଚରାଉଚରା କରିଛନ୍ତି ତା ସହିତ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛନ୍ତି । ଏସ୍‌ପି କହିଛନ୍ତି, ସ୍ପେଶାଲ ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି । ଏହା ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ବିଷୟ । ଏହାକୁ ଗୁରୁତର ସହ ନେଉଛୁ । ଏଯାଏଁ କାହାରିକୁ ଗିରଫ କରାଯାଇ ନାହିଁ । କେବଳ ପଚରାଉଚରା ଜାରି ରହିଛି । ଫୋରେନସିକ ଟିମ ମଧ୍ୟ ଯାଞ୍ଚ ଆରମ୍ଭ କରି ସାରିଛି । ଦହନଶୀଳ ସାମଗ୍ରୀ ବ୍ୟବହାର ହୋଇଛି, ମାତ୍ର ତାହା କଣ ସ୍ପଷ୍ଟ ହୋଇନି। ଘଟଣାସ୍ଥଳରୁ ଫୋରେନସିକ ଟିମ ୨ଟି ବୋତଲ ଜବତ କରିଛି । ଦୁଇଟି ଯାକ ବୋତଲରେ ଅଧା ଯାଏ କିରାସିନି ଅଛି । ତା ସହିତ ଦିଆସିଲି, ଚୁଡ଼ି ଓ ଚପଲ ଆଦି ଜବତ କରିଛି ଫୋରେନସିକ ଟିମ୍। ଚିକିତ୍ସାଧୀନ ଛାତ୍ରୀଙ୍କୁ ଦେଖିଛି କଂଗ୍ରେସର ଏକ ଟିମ୍ ସେମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ତା ସହିତ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି।

## ଅମାନବୀୟ ଘଟଣାକୁ ...

ଯେଉଁଭଳି ଭୟଙ୍କର ନିୟମିତ ଭାବେ ଘଟୁଛି, ସେଥିରେ ଏକ ଗଭୀର ସରକାରୀ ବିଫଳତା ପ୍ରମାଣିତ ହେଉଛି । ବର୍ତ୍ତମାନ ସରକାରର ଶାସନ ସମୟରେ ଅପରାଧୀମାନେ ଅତ୍ୟଧିକ ନିର୍ଭିକ ହୋଇପାରିଛନ୍ତି ଏବଂ ଦଣ୍ଡ ମିଳିବା ନେଇ କୌଣସି ଚିନ୍ତାନାହିଁ । ଏହା ସ୍ପଷ୍ଟ କରୁଛି ଯେ ଓଡ଼ିଶାରେ ସରକାରୀ ନିଷ୍କ୍ରିୟତା, ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି । ଏହି ଗଭୀର ନିଦ୍ରାରୁ ଓଡ଼ିଶା ସରକାର କେବେ ଉଠିବେ ଏବଂ ଦ୍ରୁତ କାର୍ଯ୍ୟାନୁଷ୍ଠାନ ନେଇ ଅପରାଧୀମାନଙ୍କୁ ଗିରଫ କରିବେ କି? ଏହାଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ, ସରକାର ଏପରି ଘଟଣା ପୁନରାବୃତ୍ତି ହେବାକୁ ନଦେବା ପାଇଁ କୌଣସି ଜବାବ ଦେବେ କି ? ଓଡ଼ିଶାର ଝିଅମାନେ ଓ ନାରୀମାନେ ସରକାରଙ୍କ ଉତ୍ତରର ଅପେକ୍ଷା କରିଛନ୍ତି।

## ଛାତ୍ରୀଙ୍କ ସୁରକ୍ଷା...

ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି । ଏଗୁଡିକ ହେଲା:- ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର – ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ' ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ । ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ ।

ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବରେ କାର୍ଯ୍ୟ କରିବେ । ଏହି "ଶକ୍ତି ଅପା"ମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର କାର୍ଯ୍ୟ କରିବ । ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଏକ '୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ । ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଆଇନଗତ ଅଧିକାର ତଥା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ । ଶକ୍ତିଶ୍ରୀ ମୋବାଇଲ ଆପ୍ – "ଶକ୍ତିଶ୍ରୀ ଆପ୍" ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ । ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜମାନଙ୍କରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ । ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ । ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସଟ୍, ଅଡିଓ ବା ଭିଡିଓ ମେସେଜ୍ ମାଧ୍ୟମରେ ଉକ୍ତ ଆପ୍‌ରେ ପଞ୍ଜୀକୃତ କରିପାରିବେ । ଅଭିଯୋଗଟି ଆପ୍‌ରେ ପଞ୍ଜୀକୃତ ହୋଇ ସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଇଣ୍ଟରନାଲ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିବ । ଛାତ୍ରୀମାନେ ଯଦି ଷ୍ଟ୍ରେସ୍ ବା ଆନଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ସିଧା ସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ । ଶକ୍ତିଶ୍ରୀ ଆପରେ ଛାତ୍ରୀମାନଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଟେଲି-ମାନସ ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ ହେବ । ଏଥିସହ କୌଣସି ଆପାତକାଳୀନ ପରିସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ରହିଥିବା ଏସଓଏସ୍ ବଟନକୁ ବ୍ୟବହାର କରି ଛାତ୍ରୀମାନେ, ସିଧାସଳଖ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ । ଶକ୍ତିଶ୍ରୀ ମୋବାଇଲ ଆପରେ ବିଭିନ୍ନ ଜିଲ୍ଲାମାନଙ୍କରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯିବ । ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ, ତାଙ୍କର ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ମଧ୍ୟ ଅବଗତ କରାଇପାରିବେ । ଏହି ସଂକ୍ରାନ୍ତୀୟ ଏକ ଏସଓଏସ ଖୁବ ଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ । ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ଼ ଅଫ୍ କଣ୍ଡକ୍ଟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ଼ ଅଫ୍ କଣ୍ଡକ୍ଟ ଲାଗୁ ହେବ । ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଂ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ତଥା ପ୍ରଫେସନାଲ ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ । ସେଫକ୍ୟାମ୍ପେନ୍ – ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆକ୍ସନସ୍ ଫର୍ ଫିମେଲ ଏମପାୱାରମେଣ୍ଟ ବା ସେଫ୍ ନାମକ ଏକ କ୍ୟାମ୍ପେନ୍ ର ଆୟୋଜନ କରାଯିବ । ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ । ଏହା ଛାତ୍ରୀମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଶୈକ୍ଷିକ ପରିବେଶ ପ୍ରଦାନ କରିବାରେ ସହାୟକ ହେବ ।

କ୍ୟାମ୍ପସ ସୁରକ୍ଷା ରିପୋର୍ଟ । କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାମ୍ପସ ସୁରକ୍ଷାକୁ ନେଇ ଏକ ସବିସ୍ତୃତ ବିବରଣୀ ପ୍ରସ୍ତୁତ କରାଯାଇ ଏହି ରିପୋର୍ଟରେ ସ୍ଥାନିତ କରାଯିବ । ଏଥିରେ ଶିକ୍ଷାନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, ପଞ୍ଜୀକୃତ ହୋଇଥିବା ଅଭିଯୋଗ ଓ ଏହାର ସମାଧାନ, ଆପତକାଳୀନ ସ୍ଥିତିର ମୁକାବିଲା ପାଇଁ ରହିଥିବା ବିଭିନ୍ନ ଭିତ୍ତିଭୂମି ଆଦି ସମ୍ପର୍କରେ ସୂଚନା ଉପଲବ୍ଧ କରାଯିବ । ସିସିଟିଭି କ୍ୟାମେରା –ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯାହାଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ମନିଟରିଂ କରାଯାଇପାରିବ । ଏଥିସହ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ରହିବାର ବ୍ୟବସ୍ଥା କରାଯିବ । ଅନଲାଇନ କୋର୍ସ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନଲାଇନ କୋର୍ସ ପ୍ରଦାନ କରାଯିବ । ଶକ୍ତି ସ୍ୱରୂପିଣୀ ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ । ଏହି କର୍ମଶାଳାରେ ମହିଳାମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାର ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯିବ । ମହିଳାଙ୍କ ସୁରକ୍ଷାକୁ ନେଇ ରହିଥବା ବିଭିନ୍ନ ଦିଗ ସମ୍ବନ୍ଧରେ ସଚେତନ କରାଇବା, ଡିଜିଟାଲ ସୁରକ୍ଷା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଠାରୁ ଆରମ୍ଭ କରି ଶକ୍ତିଶ୍ରୀ ମୋବାଇଲ ଆପ୍‌ର ପରିଚାଳନା ପର୍ଯ୍ୟନ୍ତ ସବୁ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସୁଚାରୁ ରୂପେ ପରିଚାଳିତ ହୋଇପାରିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ବାତାବରଣ ପ୍ରଦାନ କରିବାରେ 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' ଏକ ବଳିଷ୍ଠ ମାଧ୍ୟମ ରୂପେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଟ୍ରମ୍ପଙ୍କ ବଡ଼ ଦାବି...

ପାର୍ଟିରେ ଯୋଗ ଦେଇଥିଲେ । ହ୍ୱାଇଟ ହାଉସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, ଆମେ ଅନେକ ଯୁଦ୍ଧ ଅଟକାଇ ପାରିଛୁ । ସେଗୁଡ଼ିକ ବେଶ ସାଂଘାତିକ ଥିଲା । ଭାରତ ଓ ପାକିସ୍ତାନ ପରସ୍ପର ମଧ୍ୟରେ ଲଢେଇ କରୁଥିଲେ । ଉଭୟ ଆଣବିକ କ୍ଷମତା ସମ୍ପନ୍ନ ରାଷ୍ଟ୍ର । ସେମାନେ ପରସ୍ପରକୁ ଆଟାକ କରୁଥିଲେ । ଗୋଟିଏ ନୂଆ ଧରଣର ଯୁଦ୍ଧ ଚାଲିଥିଲା ଆକାଶ ପଥରେ । ଯୁଦ୍ଧ ବିମାନକୁ ଟାର୍ଗେଟ କରାଯାଉଥିଲା । ମୁଁ ଭାବୁଛି ୫ଟି ଯୁଦ୍ଧ ବିମାନ ବାସ୍ତବରେ ଖସି ଥିଲା ।

## ନିବନ୍ଧନ କାର୍ଯ୍ୟରେ...

ନିବନ୍ଧନ ଅଧିକାରୀମାନଙ୍କର ରାଜ୍ୟସ୍ତରୀୟ ସମ୍ମିଳନୀ ଓ କର୍ମଶାଳା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ରାଜ୍ୟର ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିବନ୍ଧକ, ଉପନିବନ୍ଧକମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ଲୋକଙ୍କ ସରକାରର ପ୍ରୟାସ ହେଉଛି ଜନସାଧାରଣଙ୍କୁ ସୁଶାସନ ଯୋଗାଇଦେବା । ରାଜସ୍ୱ ଅଧିକାରୀମାନେ ମୌଳିକ ସେବା ଯୋଗାଇଦେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବା ଦରକାର । ବର୍ତ୍ତମାନ ରାଜ୍ୟରେ ସମସ୍ତ ପଞ୍ଜୀକରଣ କାର୍ଯ୍ୟ ଅନ୍-ଲାଇନ ମାଧ୍ୟମରେ କରାଯାଉଛି । ସମସ୍ତ ପଞ୍ଜୀକରଣ କାର୍ଯ୍ୟ ଶେଷ ପରେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ଫିଡ୍ ବ୍ୟାକ ଗ୍ରହଣ କରାଯାଉଛି । ସାରା ରାଜ୍ୟରେ ନିବନ୍ଧନ କାର୍ଯ୍ୟରେ ଜନସାଧାରଣ ୮୮ % ଅନୁକୂଳ ମତ ଦେଇଥିବା ବେଳେ ମାତ୍ର ୧୨ % ନକରାତ୍ମକ ମତ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ପଞ୍ଜୀକରଣ କାର୍ଯ୍ୟରେ ଦେବଗଡ ଓ ସୁବର୍ଣ୍ଣପୁରରେ ଜନସାଧାରଣଙ୍କ ଫିଡ୍ ବ୍ୟାକ ଆଧାରରେ ସନ୍ତୋଷ ହାର ଶହେ ପ୍ରତିଶତ ଥିବାବେଳେ ବୌଦ୍ଧ, ସୁନ୍ଦରଗଡ, ନୟାଗଡ, ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଜଗତସିଂହପୁର, ଝାରସୁଗୁଡା, ସମ୍ବଲପୁର ଓ କେନ୍ଦ୍ରାପଡାରେ ଏହି ଆଧାରିତ ହାର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି । ତେବେ ଆମକୁ ଆଗାମୀ ଦିନରେ ସମସ୍ତ ଜିଲ୍ଲାରେ ଜନସାଧାରଣଙ୍କୁ ଶତପ୍ରତିଶତ ସନ୍ତୋଷ ଜନକ ସେବା ଯୋଗାଇଦେବାକୁ ପଡିବ । ଜିଲ୍ଲାର ରେଜିଷ୍ଟ୍ରାର ମାନେ ଏସବୁ କାର୍ଯ୍ୟର ସଠିକ ତଦାରଖ କରିବା ଉଚିତ । ସମସ୍ତ କର୍ମଚାରୀଙ୍କର କାର୍ଯ୍ୟଦକ୍ଷତା କମ୍ପ୍ୟୁଟରୀକରଣ କରାଯାଇ ପଦୋନ୍ନତି ସମୟରେ ସେସବୁକୁ ଗୁରୁତ୍ୱ ଦିଆଯିବ । ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଅବହେଳା ଓ ଅନିୟମିତତାକୁ କୌଣସି ପ୍ରକାରେ ପ୍ରଶ୍ରୟ ଦିଆଯିବ ନାହିଁ । ଉଦ୍ଦେଶ୍ୟମୂଳକ ଭାବେ ଆଇନ ବହିର୍ଭୂତ କାର୍ଯ୍ୟକୁ ମଧ୍ୟ ଅଣଦେଖା କରାଯିବ ନାହିଁ । ସମସ୍ତ ପ୍ରକାର ବେଆଇନ କାର୍ଯ୍ୟକୁ କଠୋର ଭାବେ ଦଣ୍ଡିତ କରାଯିବ । ଆମ ମଧ୍ୟରେ ସକାରାତ୍ମକ ପ୍ରତିଯୋଗିତାର ଆବଶ୍ୟକତା ରହିଛି । ମନ୍ତ୍ରୀ ଶ୍ରୀ ପୂଜାରୀ ପୁଣି କହିଲେ ଯେ ଆମେ ସକାରାତ୍ମକ ଦିଗରେ ଆଦର୍ଶ ସେବା ଦେବା ଦିଗକୁ ଅଗ୍ରସର ହେଉଛୁ । ଖୁବ୍‌ଶୀଘ୍ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବୁ । ଆସନ୍ତୁ ଆମେ ସମସ୍ତେ ଲକ୍ଷ୍ୟ ପ୍ରାପ୍ତି ଦିଗରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ଓ ରାଜସ୍ୱ ପ୍ରଶାସନକୁ ଲୋକାଭିମୁଖି କରାଇବା ଦିଗରେ ତତ୍ପର ହେବା । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୃହନିର୍ମାଣ, ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଲେ ଯେ ଲୋକଙ୍କ ସରକାର ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ, ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ । ରାଜସ୍ୱ ଅଧିକାରୀମାନେ ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ଦୂର କରି ଶାସନର ସୁଫଳ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଦିଗରେ ବ୍ରତୀ ହେବା ଉଚିତ । ସରକାର ଏବେ ସବ୍-ପ୍ଲଟ୍ ରେଜିଷ୍ଟ୍ରେସନ୍ ପାଇଁ ନୂଆ ନିୟମ ଆଣିଛନ୍ତି । ସେହିପରି ରେରା ପ୍ରତିଷ୍ଠା ହେବା ପୂର୍ବରୁ ପ୍ରତିଷ୍ଠିତ ଆପାର୍ଟମେଣ୍ଟ ପଞ୍ଜିକରଣ କ୍ଷେତ୍ରରେ ଯେଉଁ ଅସୁବିଧା ଥିଲା ସେସବୁ ଦୂର କରାଯାଉଛି । ଆମେ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବା ଦରକାର । ଆଇନର ପରିଧିରେ ରହି ଆମକୁ ପଞ୍ଜିକରଣ ସେବାକୁ ସୁଦୂରପ୍ରସାରୀ କରିହେବ । ପ୍ରାରମ୍ଭରେ ମହାନିବନ୍ଧକ ସୁବ୍ରତ ଶତପଥି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଉପସ୍ଥିତ ନିବନ୍ଧନ ଅଧିକାରୀମାନଙ୍କୁ କହିଲେ ଯେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ମାଧ୍ୟମରେ ଆଜି ପଞ୍ଜିକରଣ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ଆମକୁ ଜନସାଧାରଣଙ୍କ ସେବାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବାକୁ ପଡ଼ିବ । ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁରୋପୀୟ ସଂଘର...

ନାଗରିକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିପାରିବୁ । ଏହା ଛଡା ଆମେ ଏହା ବି କହିବାକୁ ଚାହିଁବୁ ଯେ ଉର୍ଜା ବ୍ୟାପାର ମାମଲାରେ ଦୋହରା ମାନଦଣ୍ଡ ଗ୍ରହଣୀୟ ନୁହେଁ ।

## ବିକଶିତ ଭାରତ...

ପରିବହନ ଏବଂ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁମାନେ ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଏକ ବିକଶିତ ଏବଂ ଅନ୍ତର୍ଭୁକ୍ତ ଓଡ଼ିଶା ଗଠନରେ ଭିତ୍ତିଭୂମି ଏବଂ ସହରାଞ୍ଚଳ ପରିବର୍ତ୍ତନର ଭୂମିକା ଉପରେ ଆଲୋଚନା କରିଥିଲେ । ଭିଜନ ଡକ୍ୟୁମେଣ୍ଟର ରଣନୈତିକ ଜ୍ଞାନ ଅଂଶୀଦାର ମ୍ୟାକକିନସେ ଆଣ୍ଡ କମ୍ପାନୀର ବିଶେଷଜ୍ଞମାନେ ଏଥିରେ ସହଯୋଗ କରିଥିଲେ । ଏହି କର୍ମଶାଳାର ଲକ୍ଷ୍ୟ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲକ୍ଷ୍ୟ ସହିତ ଓଡ଼ିଶାର ବିକାଶମୂଳକ ରୋଡମ୍ୟାପ୍ ପ୍ରସ୍ତୁତ କରିବା । ଏହି ବିଷୟରେ ଦୁଇ ବିଭାଗ ତରଫରୁ ମିଳିତ ଆଲୋଚନା ହୋଇଥିଲା ଓ ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ଆକାଂକ୍ଷାକୁ ରୂପରେଖ ଦିଆଯାଇଥିଲା, ଯେଉଁଥିରେ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଜିଏସଡିପି ହାସଲ କରିବା, ଭାରତର ଜିଡିପିରେ ୫% ଯୋଗଦାନ ଦେବା ଏବଂ ୧ କୋଟିରୁ ଅଧିକ ଅଣ-କୃଷି ନିଯୁକ୍ତି ସୃଷ୍ଟି କରିବା ଅନ୍ତର୍ଭୁକ୍ତ । 'ଭିଜନ ୨୦୩୬ ଏବଂ ୨୦୪୭'ରେ ଛଅଟି ମୁଖ୍ୟ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ । ପ୍ରଥମେ ଗ୍ରାମୀଣ ସଶକ୍ତିକରଣ, ସମସ୍ତଙ୍କ ପାଇଁ ସମୃଦ୍ଧି, ଐତିହ୍ୟ, ପ୍ରଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି, ଏବଂ ଲୋକ-କେନ୍ଦ୍ରିକ ଶାସନ । ଏକ ପ୍ରମୁଖ ଆକର୍ଷଣ ଥିଲା '୩୬ ପାଇଁ ୩୬' ପ୍ରମୁଖ କାର୍ଯ୍ୟକ୍ରମର ଉପସ୍ଥାପନା, ଯାହା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ଦକ୍ଷତା, କୃଷି ଏବଂ ଜଳବାୟୁ ଭଳି କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା ।

# କିମ୍ସରେ ବିରଳ ଅସ୍ତ୍ରୋପଚାର

# ହିଟ୍-କୋଲ୍ଡ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଫୁସ୍‌ଫୁସ୍‌ରୁ ବାହାରିଲା ଟ୍ୟୁମର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ କିମ୍ସର ଡାକ୍ତରମାନେ ଏକ ଅଭିନବ ପ୍ରଣାଳୀରେ ଜଣେ ରୋଗୀଙ୍କ ଫୁସ୍‌ଫୁସ୍‌ରୁ ଏକ ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି । ଜଣେ ୪୦ ବର୍ଷୀୟ ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ପ୍ରକାରର ଫୁସଫୁସ ଟ୍ୟୁମର ଚିହ୍ନଟ ହେବା ପରେ ରୋଗୀ ଜଣକ ୨୦୨୩ ମସିହାରେ ରେଡିଏସନ୍ ଥେରାପି ନେଇଥିଲେ । ରୋଗୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ତାଙ୍କୁ ନିରନ୍ତର କାଶ ହେଉଥିଲା । ତେବେ ମହିଳାଙ୍କ ଶ୍ୱାସନଳୀର ଅଧାରୁ ଅଧିକ ଅଂଶ ଏକ ମାଂସ ପିଣ୍ଡଳ ଭଳି କିଛି ଅବରୋଧ କରୁଥିବା ଜୁନ୍ ୨୦୨୫ ରେ ତାଙ୍କଠାରେ ପୁନର୍ବାର କରାଯାଇଥିବା ସ୍କାନରୁ ଜଣାପଡ଼ିଥିଲା । କିମ୍ସର ଇଣ୍ଟରଭେନସନାଲ ପଲମୋନୋଲୋଜି ବିଶେଷଜ୍ଞ ଦଳ ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିଥିଲେ । କାର୍ଡିଓଥୋରାସିକ୍ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ୍ ପ୍ରବେଶ କରାଇଥିଲେ । ପରେ ହିଟ୍ ଆଣ୍ଡ କୋଲ୍ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା ।

କିମ୍ସ ଇଣ୍ଟରଭେନସନାଲ ପଲମୋନୋଲୋଜି ବିଭାଗର ଡା ଦେବାଶିଷ ବେହେରା, ଡା ସ୍ୱଦୀପ ମିଶ୍ର ଏବଂ ଡା ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ । ଡା ଅଶୋକ କୁମାର ବଡ଼ମାଳି, ଡା ଜ୍ଞାନ ରଞ୍ଜନ ମିଶ୍ରଙ୍କ କାର୍ଡିଆକ୍ ଆନାସ୍ଥେସିଆ ଦଳ ଏଥିରେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ଏହା ବ୍ୟତୀତ ପଲମୋନୋଲୋଜିର ରେସିଡେଣ୍ଟ ଡା ଅଭିଷେକ ଦାସ, ଡା ନିଖିଲ କୃଷ୍ଣ ଏବଂ ଡା ଦେବ ଗର୍ଗ ମଧ୍ୟ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ । ଏଭଳି ବିରଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏଥିରେ ସାମିଲ୍ ହୋଇ ଡାକ୍ତରୀ ଦଳ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ନାରୀ ନିର୍ଯାତନା ଓ ଦୁଷ୍କର୍ମ ଦିନକୁ ଦିନ ବଢ଼ିଚାଲିଛି : ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହିତ ନିର୍ଯାତନା ଓ ଦୁଷ୍କର୍ମ ହାର ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ବିଜେପି ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ବି ପୂରଣ ହୋଇପାରିଲା ନାହିଁ । ଏହାର ପ୍ରତିବାଦରେ ଆଜି ସକାଳ ୧୧ ଘଟିକା ସମୟରେ ବିଜୁ ମହିଳା ଜନତା ଦଳ ତରଫରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଣ୍ଟା କାଳ ଗଣଧାରଣା ଦିଆଯାଇଥିଲା । ଗୋଟିଏ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନରେ ଦ୍ୱାରସ୍ଥ ହୋଇଥାଏ । ହେଲେ ଦୁଃଖ ଓ ପରିତାପର କଥା ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷ ଏପର୍ଯ୍ୟନ୍ତ ନିଯୁକ୍ତ ଦେଲେ ନାହିଁ । ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ପୂରଣ ନକରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହିତ ଘେରାଉ କରିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ।

ବିଜୁ ମହିଳା ଜନତା ଦଳର ଏହି ଧାରଣାରେ ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ଶ୍ରୀମତୀ କସ୍ତୁରୀ ମହାପାତ୍ର, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀମତୀ ରଂଜିତା ସାହୁ, ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ, ଶ୍ରୀମତୀ ଇଲା ସ୍ୱାଇଁ, ଶ୍ରୀମତୀ ଲୋରା ମହାପାତ୍ର, ଶ୍ରୀମତୀ ଭାରତୀ ସିଂ, ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଶ୍ରୀମତୀ ସୁମିତ୍ରା ଜେନା, ଶ୍ରୀମତୀ ମାନସୀ ସୁନ୍ଦରାୟ, ଶ୍ରୀମତୀ ରଞ୍ଜୁଲତା ରାୟ, ଶ୍ରୀମତୀ ପୁଷ୍ପାଞ୍ଜଳି ସେଠୀ, ଶ୍ରୀମତୀ ପୁଷ୍ପା ରାଉତ, ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶନୀ, ଶ୍ରୀମତୀ ରୁନୁ ଜେନା, ଶ୍ରୀମତୀ କିରଣବାଳା ମାଝୀ, ଶ୍ରୀମତୀ ଶ୍ରମିତା ମହାନ୍ତି, ଶ୍ରୀମତୀ ତିଳୋତ୍ତମା ଚୌଧୁରୀ, ଶ୍ରୀମତୀ ସ୍ମିତା ସ୍ୱାଇଁ, ଶ୍ରୀମତୀ ଅନୁସୟା ରାୟ, ଶ୍ରୀମତୀ ପୂଜା ମହାରଣା, ଶ୍ରୀମତୀ ମୋନାଲିସା ବେହେରାଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ ।

# 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କଲେ ରେଳ ରାଷ୍ଟ୍ରମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି. ସୋମନ୍ନା ଆଜି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ଆଜି ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ନିରୀକ୍ଷଣ କରିଛନ୍ତି । ବର୍ତ୍ତମାନ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ ସୁବିଧାରେ ପରିଣତ କରିବାର ଦୃଷ୍ଟିକୋଣକୁ ସ୍ୱଷ୍ଟତା ପ୍ରଦାନ କରିବା ଦିଗରେ ଅଗ୍ରଗତି କରୁଛି ।

ସେ ଏହା ମଧ୍ୟ କହିଥିଲେ ଯେ 'ଅମୃତ ଭାରତ ଷ୍ଟେସନ ଯୋଜନା'ରେ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି । ରେଳଷ୍ଟେସନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ୍ ରୋଡ୍ ଏବଂ ଷ୍ଟେସନ୍କୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେସନ୍ରୁ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମାନ୍ୟବର ମନ୍ତ୍ରୀଙ୍କ ସହିତ ନିରକ୍ଷଣ ସମୟରେ ଉପସ୍ଥିତ ଥିଲେ ।

ପୁନଃବିକଶିତ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ପାଇଁ ଅନ୍ୟାନ ଆଧୁନିକ ସୁବିଧା ସୁଯୋଗ ମଧ୍ୟରେ ଷ୍ଟେସନ ପ୍ରବେଶର ଉନ୍ନତି, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ୍, ଶୌଚାଳୟ, ଲିଫ୍ଟ/ଏସ୍କେଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ୍ ଷ୍ଟେସନ୍ ୱାନ୍ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକ ପାଇଁ ମନୋନୀତ ସ୍ଥାନ, ଭୂଦୃଶ୍ୟ ଇତ୍ୟାଦି ସୁବିଧା ରହିବ ।

# ଦେଶି ମଦ ଚାଲାଣ ବେଳେ ଜଣେ ଗିରଫ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବାୟାଗୁଡା ଗ୍ରାମର ସୁନ୍ଦର ନାଗ । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥବା ଖବର ପାଇ ଜୟପୁର ଅବକାରି ଥାନା ବାୟାଗୁଡା ଗ୍ରାମ ରାସ୍ତାରେ ଚଢଉ କରିଥିଲା ।

E-mail: ee_rwbdk@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I ,BHADRAK

O-465

"e" Procurement Notice for Road & Bridge Work
Bid Identification No. Online Tender 4 of 2025-26

1. Name of the Work :- Road & Bridge
2. Total No of Works :- 2 Nos
3. Estimated Cost :- Rs. 73.71 to Rs.87.08 lakh
4. Class of Contractor :- "B" Class
5. Period of Completion :- As per Annexure
6. Type of Tender :- Double Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding: From | Availability of Tender On-line for bidding: To | Date of seeking of Tender | Date & Time of Technical Opening of Tender | Date & Time of Financial Opening of Tender |
|---|---|---|---|---|---|---|
| 1 | 2 | 3 | | 4 | 5 | 6 |
| Superintending Engineer, Rural Works Division-I, Bhadrak | Online-4 of 2025-26 | 24.07.25 At-11.00 A.M | 02.08.25 up to 4.00 P.M | 02.08.2025 At-2.00 P.M | 04.08.2025 At-11.00 A..M. | Will be intimated later |

Further details can be seen from the e-procurement portal "https://tendersorissa.gov.in "
OIPR-25060/11/0017/2526
Sd/-Er.Kanan Pradhan
Superintending Engineer
R.W. Division, Bhadrak

ଓଡିଶା ସରକାର
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଯାଜପୁର ଜଳସେଚନ ବିଭାଜନ
ଫୋନ ନଂ .06728-222022
ଇମେଲ – jpt.irrigation@gmail.com

A-

'e' -Procurement Notice No. 02 / 2025-26

1 କାର୍ଯ୍ୟ ର ନାମ : ନଦୀ ବନ୍ଧ ଓ କେନାଲ ମରାମତି କାର୍ଯ୍ୟ
2 ମୋଟ କାର୍ଯ୍ୟ ସଂଖ୍ୟା : ୧୦ ଗୋଟି କାର୍ଯ୍ୟ
3 ଅଟକଳ ମୂଲ୍ୟ :୧୫.୪୦ ଲକ୍ଷ ରୁ ୭୫.୩୨ ଲକ୍ଷ
4 ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ :The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5 କାର୍ଯ୍ୟ ସମାପ୍ତି ସମୟ : ୬ ମାସ ।
6 ନିମ୍ନଲିଖିତଭାବରେଅନ୍ୟାନ୍ୟବିବରଣୀ :
I. Procurement Officer :ଅଧିକ୍ଷଣ ଯନ୍ତ୍ରୀ,ଯାଜପୁର ଜଳସେଚନ ବିଭାଜନ,ଯାଜପୁର
II.ଅନଲାଇନ Biddingର ସମୟସୀମା : ତା ୧୯.୦୭.୨୦୨୫ ଦିବା ୧୦ ଘଟିକାରୁତା୦୧.୦୮.୨୦୨୫ ସନ୍ଧ୍ୟା ୫ ଘଟିକାପର୍ଯ୍ୟନ୍ତ।
III. Technical ଏବଂFinancial bidଖୋଲାଯିବାର ତାରିଖ ଓ ସମୟ। : ଅଧିକ୍ଷଣ ଯନ୍ତ୍ରୀ,ଯାଜପୁର ଜଳସେଚନ ବିଭାଜନ ଙ୍କକାର୍ଯ୍ୟାଳୟରେ ତା ୦୨.୦୮.୨୦୨୫ ଦିବା ୧୧.୩୦ ।
IV. Transparent Lottery ର ତାରିଖ ଓ ସମୟ :ଅଧିକ୍ଷଣ ଯନ୍ତ୍ରୀ,ଯାଜପୁର ଜଳସେଚନ ବିଭାଜନ ଙ୍କକାର୍ଯ୍ୟାଳୟରେ ତା ୦୮.୦୮.୨୦୨୫ ଦିବା୧୧.୦୦ଘଟିକା ସମୟ ରେ।

ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟ ରେ ପ୍ରଦାନ କରାଯାଇଛି ।www.tendersorissa.gov.in.
OIPR-32130/11/0029/2526
ଅଧିକ୍ଷଣ ଯନ୍ତ୍ରୀ
ଯାଜପୁର ଜଳସେଚନ ବିଭାଜନ,ଯାଜପୁର

ଭୁବନେଶ୍ୱର
୨୦ ଜୁଲାଇ,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା 'ଶ୍ରୀଜଗନ୍ନାଥଙ୍କ ନବକଳେବର'

**ଭୁବନେଶ୍ୱର, ୧୯/୭**
**ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଫିଲ୍ମ ଇତିହାସରେ ପ୍ରଥମ । ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା ଓଡ଼ିଆ ଫିଲ୍ମ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରର କଥାବସ୍ତୁକୁ ନେଇ ପ୍ରସ୍ତୁତ ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହୋଇଛି । ପୂରା ଟିମ୍ ସହ ଫିଲ୍ମ ଦେଖି ଭାବବିହ୍ୱଳ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳଚ୍ଚିତ୍ରର ସ୍ୱତନ୍ତ୍ର ସୋ' ରାଷ୍ଟ୍ରପତି ଭବନର କଲଚରାଲ୍ ସେଣ୍ଟରରେ ଆୟୋଜନ କରାଯାଇଥିଲା । ଯେଉଁଥିରେ ଫିଲ୍ମ ସହ ଜଡିତ ପୂରା ଟିମ୍‌କୁ ରାଷ୍ଟ୍ରପତି ଭବନ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ପୂରା ଟିମ୍ ଫିଲ୍ମଟିକୁ ଦେଖିଥିଲେ ।



ସ୍ୱୟଂ ବଡ଼ଠାକୁରଙ୍କ ଏହି ଫିଲ୍ମ ଦେଖି ସମସ୍ତେ ବହୁତ ଭାବ ବିହ୍ୱଳ ହୋଇଥିଲେ । ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରୁଥିବାରୁ ଫିଲ୍ମର ଟିମ୍‌କୁ ଅନେକ ପ୍ରଶଂସା କରିଥିଲେ । ଏହି ଅବସରରେ ନବକଳେବର ଟିମ୍ ଗଣମାଧ୍ୟମକୁ କହିଛନ୍ତି, 'ମହାପ୍ରଭୁଙ୍କ ଆଶୀର୍ବାଦ ଓ ଆମ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ପାଇଁ ଆଜି ଆମେ ଦର୍ଶକଙ୍କ ଏହି ଭଲପାଇବା ପାଇଛୁ । ଆମ ଓଡ଼ିଆ ଝିଅ ତଥା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ତାଙ୍କ କାର୍ଯ୍ୟାଳୟର ଏହି ଫିଲ୍ମ ପ୍ରତି ଭଲପାଇବା ଆମର ମନୋବଳକୁ ଆହୁରି ବଢାଇଛି ।'

ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ସହ ଚଳଚ୍ଚିତ୍ରର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର, ମେଜର ଜେନେରାଲ ଭୁଦେବ ପରିଡା, ରାଷ୍ଟ୍ରପତିଙ୍କ ଭିଏସଏମ୍ ସାମରିକ ସଚିବ ବିଜୟ ନାୟକ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ସଚିବ ଜ୍ଞାନ ରଞ୍ଜନ ନନ୍ଦ, ରାଷ୍ଟ୍ରପତିଙ୍କ ସଚିବ ଦୀପ୍ତି ଉମାଶଙ୍କର, ପ୍ରେସ୍ ସଚିବ ଅଜୟ କୁମାର ସିଂହ, ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ କୁମାର ତ୍ରିବେଦୀ, କ୍ୟାପ୍ଟେନ୍ ରଭନୀତ ସିଂହ ରନ୍ଧାୱା, ନିୟନ୍ତ୍ରକ କର୍ଣ୍ଣେଲ (ଡକ୍ଟର) କିରଣ କୁମାର କମ୍ଭେଲା, ଦେବଶ୍ୱେତା ବଣିକ (ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ), ଡକ୍ଟର ସୁନିଶ ଏସ. (ଆଇଏଫ୍‌ଏ) । ଓଡ଼ିଶାର ସାଂସଦ ମୁନା ଖାଁଙ୍କ ସହ ଫିଲ୍ମର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ବିତରକ ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ସଚ୍ଚିକାନ୍ତ ଜେନା, ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର, କାହାଣୀ ଓ ସଂଳାପକାର ଶଙ୍କର ତ୍ରିପାଠିଙ୍କ ସହ ଫିଲ୍ମର ମୁଖ୍ୟ କଳାକାର ବୃନ୍ଦ ଯଥା-ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ରଞ୍ଜନ ନାୟକ, ଶ୍ରୀତମ ଦାସ, ଶିବାନୀ, ସଙ୍ଗୀତା, ପିଙ୍କି ପ୍ରଧାନ ଓ ଅଂଶୁମାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଯାଜପୁର ଗସ୍ତରେ ହାଇକୋର୍ଟ ମୁଖ୍ୟ ବିଚାରପତି

**ଚଣ୍ଡିଖୋଲ ୧୯।୦୭ ନ୍ୟୁଜ ବ୍ୟୁରୋ**

ମହାବିନାୟକ ପରିଦର୍ଶନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି । ଶ୍ରାବଣ ମାସ ଅବସରରେ ଯାଜପୁରର ପ୍ରସିଦ୍ଧ ମହାବିନାୟକ ପୀଠ ପରିଦର୍ଶନ କରିଛନ୍ତି ହାଇକୋର୍ଟ ମୁଖ୍ୟ ବିଚାପତି ଜଷ୍ଟିସ ହରିଶ ଟଣ୍ଡନ ଓ ତାଙ୍କ ଧର୍ମପତ୍ନୀ । ସେମାନଙ୍କ ସହିତ ଯାଜପୁର ଜିଲ୍ଲାପାଳ ପି. ଅନୁଷ୍କା ରେଡ୍ଡୀ, ଯାଜପୁର ଏସ୍‌ପିଙ୍କ ସହ ଚଣ୍ଡିଖୋଲ ବାର୍ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ମହାବିନାୟକ ପୂଜକ ସଂଘ ଓ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।



# ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୧୯/୭ ନ୍ୟୁଜ ବ୍ୟୁରୋ**

ରାମକୃଷ୍ଣ ମିଶନ ବିବେକାନନ୍ଦ ଶତବାର୍ଷିକୀ ମହାବିଦ୍ୟାଳୟ ପକ୍ଷରୁ କିଟ୍, କିସ୍ ଏବଂ କିମ୍ସର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ତାଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି । କୋଲକାତାର ଶ୍ରୀରାମକୃଷ୍ଣ ଅଡିଟୋରିୟମରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସ୍ୱାମୀ କମଲସ୍ଥାନନ୍ଦ ମହାରାଜ ପ୍ରଶଂସାପତ୍ର, ଏକ ସ୍ମାରକୀ ଏବଂ ଏକ ପୁସ୍ତକ ପ୍ରଦାନ କରିଥିଲେ । ପୁରସ୍କାର ଗ୍ରହଣ କରି ଡକ୍ଟର ସାମନ୍ତ କହିଥିଲେ ଯେ, "ଦେଶର ପ୍ରଗତି ଏବଂ ଖ୍ୟାତି ପାଇଁ ବଙ୍ଗଳାର ଅବଦାନ ଅତୁଳନୀୟ । ରାମକୃଷ୍ଣ ପରମହଂସ ଦେବ, ସ୍ୱାମୀ ବିବେକାନନ୍ଦ ଏବଂ କବିମାନଙ୍କ ପରି ମହାନ ବ୍ୟକ୍ତିତ୍ୱ ଏହି ଭୂମିରେ ଜନ୍ମଗ୍ରହଣ କରିଥିଲେ ଏବଂ ସମଗ୍ର ମାନବ ଜାତିକୁ ପ୍ରେରଣା ଦେଇଥିଲେ ।" ସେ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ ଯେ ଶୃଙ୍ଖଳା ହେଉଛି ମାନବ ଜାତି ପାଇଁ ସର୍ବୋତ୍ତମ ଔଷଧ । ସେ ଶୃଙ୍ଖଳାକୁ ତାଙ୍କ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି । ସେ ତାଙ୍କ ଜୀବନରେ ଅନେକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଛନ୍ତି । ସେ ଆହୁରି କହିଥିଲେ ଯେ ସେ ୮୦ ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆଲୋକ ଦେଖାଇଛନ୍ତି ଏବଂ ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବାର ସୁଯୋଗ ଦେଇଛନ୍ତି । ଡକ୍ଟର ସାମନ୍ତଙ୍କ ଭାଷଣ ଥିଲା ଯେ ଜୀବନରେ ମହାନ ହେବାକୁ କାହାକୁ କଷ୍ଟ ଦିଅ ନାହିଁ । ଯଦି ତୁମେ ଜଣେ ଭଲ ବ୍ୟକ୍ତି ହୁଅ, ତେବେ ଭଲ କାମ କରିବା ସମ୍ଭବ ହେବ । ଏହାର ଏକ ଉଦାହରଣ ହେଉଛି କିଟ୍ ଏବଂ କିସ୍ ଯାହା ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ପୁରସ୍କାର ଗ୍ରହଣ କରି ସେ ଆହୁରି କହିଥିଲେ ଯେ ସ୍ୱାମୀ ବିବେକାନନ୍ଦଙ୍କ ନୀତିରେ ପରିଚାଳିତ ଏକ ଅନୁଷ୍ଠାନରୁ ଏହି ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ମୁଁ ଗଭୀର କୃତଜ୍ଞ । ଏହି ପୁରସ୍କାର ମୋତେ ବିଶେଷ ପ୍ରେରଣା ଦେବ । ସେ ଆହୁରି କହିଥିଲେ ଯେ ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ । ତେଣୁ ମୁଁ ଏହି ପୁରସ୍କାର ହଜାର ହଜାର ଅବହେଳିତ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗ କରୁଛି । ସେମାନେ ପ୍ରତିଦିନ ପ୍ରମାଣ କରନ୍ତି ଯେ ଉପଯୁକ୍ତ ସୁଯୋଗ ମିଳିଲେ, ସେମାନେ ସେମାନଙ୍କ ଜୀବନ ଏବଂ ସେମାନଙ୍କ ଚାରିପାଖର ବିଶ୍ୱକୁ ପରିବର୍ତ୍ତନ କରିପାରିବେ । ଚେୟାରମ୍ୟାନ ସ୍ୱାମୀ କମଲସ୍ଥାନାନନ୍ଦ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି କହିଥିଲେ ଯେ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କୁ ସମାଜ ପ୍ରତି, ବିଶେଷକରି ଶିକ୍ଷା ଏବଂ ସାମାଜିକ ବିକାଶ କ୍ଷେତ୍ରରେ ତାଙ୍କର ଅସାଧାରଣ ଏବଂ ନିଃସ୍ୱାର୍ଥପର ଅବଦାନ ପାଇଁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । କିସ୍ ଭଳି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ସେ ୮୦,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା, ଖାଦ୍ୟ ଏବଂ ବାସସ୍ଥାନ ଯୋଗାଇ ଦେଇଛନ୍ତି ।ତାଙ୍କ ଅବଦାନ ଏକ ପ୍ରେରଣାଦାୟକ ଦର୍ଶନକୁ ପ୍ରୋତ୍ସାହିତ କରିଛି । ସ୍ୱାମୀ କମଲସ୍ଥାନାନନ୍ଦ କହିଛନ୍ତି, 'ଆଜି ଏପରି ଜଣେ ପ୍ରେରଣାଦାୟକ ବ୍ୟକ୍ତି ଏବଂ ମେଧାବୀ ଛାତ୍ରଙ୍କୁ ସମ୍ମାନିତ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ପ୍ରଫେସର ଡାକ୍ତର ସାମନ୍ତଙ୍କ ଜୀବନ, କାର୍ଯ୍ୟ ଏବଂ ସେବା ସମାଜ ପାଇଁ ଆଲୋକର ଆଲୋକ ହୋଇ ରହିବ । ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆମର ଲକ୍ଷ୍ୟ ଆଜିର ସମାବର୍ତ୍ତନରେ ଗଭୀର ଭାବରେ ସନ୍ନିହିତ, ଏହା କେବଳ ସଫଳତାର ଉତ୍ସବ ନୁହେଁ ବରଂ ସମାଜ ପ୍ରତି ଆମର ସାମୂହିକ ଦାୟିତ୍ୱର ସ୍ମରଣ କରାଇଥାଏ ।' ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ୟାମଳ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଡକ୍ଟର ସାମନ୍ତ ଆଦିବାସୀ ପିଲାମାନଙ୍କ ହାତରୁ ବନ୍ଧୁକ ନେଇ କଲମ ଧରାଇଛନ୍ତି । ସେହିପରି ତାଙ୍କ ଆହ୍ୱାନରେ ଆର୍ଟ ଅଫ୍ ଗିଭିଂ ମଧ୍ୟ ବିଶ୍ୱକୁ ଏକ ପରିବାରରେ ପରିଣତ କରିବାର ପରିବେଶ ସୃଷ୍ଟି କରିଛି । କିସ୍‌ର ଉପ-କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ କହିଛନ୍ତି ଯେ ସେ ଏହି କଲେଜରୁ ପାଠପଢ଼ିଛନ୍ତି ଏବଂ ଆଜି କିସ୍‌ର ଉପ-କୁଳପତି ହୋଇଛନ୍ତି । ରାମକୃଷ୍ଣ-ବିବେକାନନ୍ଦଙ୍କ ଆତ୍ମାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ କଲେଜ ସମର୍ପିତ । ଏହା ଶିକ୍ଷାଗତ ଉତ୍କର୍ଷତା ସହିତ ଚରିତ୍ର ଗଠନ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ମିଶ୍ରଣ କରିଥାଏ । ଏହାର ଲକ୍ଷ୍ୟ ହେଉଛି ରାଷ୍ଟ୍ର ସେବା ପାଇଁ ପ୍ରତିବଦ୍ଧ ଦାୟିତ୍ୱବାନ ନାଗରିକ ଗଠନ କରିବା ଯାହାକୁ ଡକ୍ଟର ଅଚ୍ୟୁତ ସାମନ୍ତ ତାଙ୍କ ଜୀବନରେ ଅନୁସରଣ କରିଛନ୍ତି । ସେ ଆବଶ୍ୟକତାକୁ ଅନୁଭବ କରି ଅଭାବୀ ଲୋକଙ୍କ ନିକଟରେ ଶିକ୍ଷା ପହଞ୍ଚାଇଥିଲେ । କିଟ୍, କିସ୍, କିମ୍ସ ଭଳି ଅନେକ ଅନୁଷ୍ଠାନ ଏହାର ପ୍ରମାଣ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଆଲୋକ ଦାସ, ଓଡ଼ିଶା ୱେଲଫେୟାର ସୋସାଇଟିର ଅଧ୍ୟକ୍ଷ ଇ. ରଞ୍ଜନ ରାଉତ, ଦାମୋଦର ଲେଙ୍କା, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ଏମ୍ସରେ ନାବାଳିକାଙ୍କୁ ଭେଟିଲେ ବିରୋଧୀ ଦଳ

# ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ : ବିଜେଡି



**ଭୁବନେଶ୍ୱର, ୧୯/୭**
**ନ୍ୟୁଜ ବ୍ୟୁରୋ**

ଜଳିଗଲେ ଆଉ ଜଣେ ଛାତ୍ରୀ । ପୁରୀ ଜିଲ୍ଲା ନିମାପଡା ବଳଙ୍ଗା ଥାନା ବାୟାବର ଗାଁରେ ଅଭାବନୀୟ ଘଟଣା ଘଟିଛି । ଯୁକ୍ତ ଦୁଇରେ ପାଠ ପଢୁଥିବା ଛାତ୍ରୀ ଜଣଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି କିଛି ଦୁର୍ବୃତ୍ତ । ୩ଜଣ ଦୁର୍ବୃତ୍ତ ନାବାଳିକାଙ୍କୁ ଉଠାଇ ନେଇ ନଦୀ ପଠାରେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି । ଗୁରୁତର ଅବସ୍ଥାରେ ନାବାଳିକା ଛାତ୍ରୀଙ୍କୁ ପିପିଲି ମେଡିକାଲରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ବଳଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରୁଛି । ତେବେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ । ପୀଡିତାଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି । ଅନ୍ୟପଟେ ଏମ୍ସ ପରିଦର୍ଶନ କରିଛି ବିଜେଡି ପ୍ରତିନିଧି ଦଳ । ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଏମ୍ସ ଭୁବନେଶ୍ୱର ଯାଇଥିଲେ । ଏହାପରେ ନାବାଳିକା ଜାଳି ଦେବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ଟିମ୍ ଗଠନ କରିଛନ୍ତି । ଏହି ପିସିସି ଅନୁଧ୍ୟାନ କମିଟି ଏମ୍ସ ପରିଦର୍ଶନ କରିଥିଲେ । ଏହି ଟିମ୍‌ରେ ଅଛନ୍ତି ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ଦେବାଶିଷ ପଟ୍ଟନାୟକ, ମାନସ ଆଚାର୍ଯ୍ୟ, ପ୍ରଦୀପ ମହାପାତ୍ର । ବିରୋଧି ଦଳ ନେତାମାନେ ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କୁ ଭେଟିଛନ୍ତି । ସେଠାରେ ପୀଡିତାଙ୍କ ପରିବାର ସହିତ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଘଟଣାକୁ ନେଇ ବିଜେଡି କହିଛି ଓଡ଼ିଶାରେ ଶାସନ ବ୍ୟବସ୍ଥା ଭୁଶୁଡି ଗଲାଣି । ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ତକ୍ଷେପ କରନ୍ତୁ, ଓଡ଼ିଶା ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ଦାବି କରିଛି ବିଜେଡି ।

# କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଚେତାବନୀ: କୋର୍ଟ ନ ହେଲେ ଜାମିନ

**ନୂଆଦିଲ୍ଲୀ, ୧୯।୭**

ସ୍ୱତନ୍ତ୍ର ଆଇନ ଅଧୀନରେ ଥିବା ମାମଲାଗୁଡ଼ିକ ପାଇଁ କୋର୍ଟ ସ୍ଥାପନ କରାଯାଇ ନ ଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି । ଏଭଳି ହେଲେ ଉପରୋକ୍ତ ଆଇନର ଅଭିଯୁକ୍ତମାନଙ୍କୁ ଜାମିନ ମଞ୍ଜୁର କରିବାକୁ ଅଦାଲତ ବାଧ୍ୟ ହେବେ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି । ଏନ୍‌ଆଇଏ ଆଇନ ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର ଆଇନ ଅଧୀନରେ ମାମଲାଗୁଡ଼ିକର ତ୍ୱରିତ୍ ବିଚାର ପାଇଁ ସରକାର ଯଦି ଆବଶ୍ୟକ ଭିତ୍ତିଭୂମି ସହ ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରିବାରେ ବିଫଳ ହୁଅନ୍ତି, ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଚାର ଶେଷ କରିବା ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା ରହିବ ନାହିଁ । ଫଳରେ ଅଦାଲତଗୁଡ଼ିକ ଅଭିଯୁକ୍ତମାନଙ୍କୁ ଜାମିନରେ ଛାଡ଼ିବା ପାଇଁ ସବୁବେଳେ ବାଧ୍ୟ ହେବେ । ବର୍ତ୍ତମାନ ରହିଥିବା ଅଦାଲତଗୁଡ଼ିକୁ ସ୍ୱତନ୍ତ୍ର ଅଦାଲତ ଭାବେ ନାମିତ କରିବା ପାଇଁ ସେଗୁଡ଼ିକୁ ବିଶ୍ୱାସଯୋଗ୍ୟ କରିବା ନିମନ୍ତେ ହାଇକୋର୍ଟଗୁଡ଼ିକୁ ବାଧ୍ୟ କରିବାକୁ ପଡ଼ିବ ବୋଲି କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଉପସ୍ଥିତ ଥିବା ଅତିରିକ୍ତ ସଲିସିଟର ଜେନେରାଲ ରାଜକୁମାର ଭାସ୍କର ଠାକ୍‌ରେଙ୍କୁ ଖଣ୍ଡପୀଠ କହିଛନ୍ତି । ଏନ୍‌ଆଇଏ ଏବଂ ଅନ୍ୟ ସ୍ୱତନ୍ତ୍ର ଆଇନର ମାମଲାଗୁଡ଼ିକର ତ୍ୱରିତ୍ ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ଦିଗରେ କୌଣସି ପ୍ରଭାବୀ କିମ୍ବା ଦେଖିଲା ଭଳି ପଦକ୍ଷେପ ନିଆଯାଇନାହିଁ । ସ୍ୱତନ୍ତ୍ର କୋର୍ଟ ଖୋଲିବା ନିମନ୍ତେ ଉଚ୍ଚ ନ୍ୟାୟିକ ସେବା ଅଫିସର, କର୍ମଚାରୀ ପଦବୀ ସୃଷ୍ଟି କରିବା, କୋର୍ଟରୁମ୍ ଏବଂ ମୌଳିକ ସୁବିଧା ସୁଯୋଗର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି । ଖଣ୍ଡପୀଠଙ୍କ ନିର୍ଦ୍ଦେଶର ବିପରୀତରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ, ବର୍ତ୍ତମାନର ଅଦାଲତଗୁଡ଼ିକୁ ଏନ୍‌ଆଇଏ ଆଇନ ଅଧୀନରେ ସ୍ୱତନ୍ତ୍ର କୋର୍ଟ ଭାବେ ନାମିତ କରାଗଲେ ଏହା ନିର୍ଦ୍ଦେଶନାମାର ଯଥେଷ୍ଟ ଅନୁପାଳନ ହୋଇପାରିବ । ଯଦି ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଏଥିରେ ରାଜି ହେବେ ଆମେ କେନ୍ଦ୍ର ଓ ମହାରାଷ୍ଟ୍ର ସରକାରଙ୍କ ଆବେଦନକୁ ସମ୍ପୂର୍ଣ୍ଣ ଖାରଜ କରିଦେବୁ । ତେବେ ଏହାଦ୍ୱାରା ବିଚାରାଧୀନ ବନ୍ଦୀ ଏବଂ ବୃଦ୍ଧ ବନ୍ଦୀ, ସମାଜର ବଞ୍ଚିତ ବର୍ଗ ଓ ଦୀର୍ଘଦିନ ଜେଲ୍‌ରେ ରହିଥିବା ଲୋକଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି । ୨୦୧୯ରେ ଆଇଇଡି ବିସ୍ଫୋରଣରେ ମହାରାଷ୍ଟ୍ରର ୧୫ ଜଣ ପୋଲିସ ନିହତ ହୋଇଥିଲେ । ଏହି ଘଟଣାରେ ଗଡଚିରୋଲିର ମାଓବାଦୀ ସମର୍ଥକ କୈଳାସ ରାମଚନ୍ଦ୍ରାନୀଙ୍କ ନାଁରେ ମାମଲା ରୁଜୁ ହୋଇଥିଲା । ତାଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ମଞ୍ଜୁର କରିଛନ୍ତି ।



# ୫୦ଗ୍ରାମ୍ ବ୍ରାଉନସୁଗାର ଜବତ : ୩ ଗିରଫ

**ବରଗଡ, ୧୯/୭**
**ନ୍ୟୁଜ ବ୍ୟୁରୋ**

ବରଗଡ଼ ପୋଲିସର ବଡ଼ ସଫଳତା । ବ୍ରାଉନସୁଗାର କାରବାରରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ବରଗଡ଼ ସହରରେ ବ୍ରାଉନ ସୁଗାର କାରବାର ଜୋର ଧରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସାହାଇ ମିନାଙ୍କ ନିର୍ଦ୍ଦେଶରେ ଟାଉନ ପୋଲିସର ଏକ ଟିମ୍ ଗଠନ କରାଯାଇଥିଲା । ସମ୍ବଲପୁରରୁ ବରଗଡ଼କୁ ବ୍ରାଉନସୁଗାର ଆସୁଥିବା ବେଳେ ସହରର ଘୁଲିପାଲି ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଘଟଣାରେ ସମ୍ପୃକ୍ତ ଥିବା ତିନି ଜଣଙ୍କୁ ଗିରଫ କରିଥିବା ବେଳେ ୫୦ ଗ୍ରାମ୍ ବ୍ରାଉନସୁଗାର, ଏକ ସ୍କୁଟି ସହ ନଗଦ ୧୪୦୦ ଟଙ୍କା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସହରର କଟକିଆ ପଡ଼ାର ଗୋବୁ ମଲ୍ଲିକ, ମନାବନ୍ଧ ପଡ଼ାର ନରସିଂହ ଭୁଏ ଏବଂ ଗୌରପଡାର ନିଖିଳ ସିନ୍ଧ୍ରିଆ । ଜବତ ହୋଇଥିବା ବ୍ରାଇସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସ୍‌ପି ସୂଚନା ଦେଇଛନ୍ତି ।

# ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣା: ଏସ୍‌ଆଇଟି ଗଠନ ପାଇଁ ହାଇକୋର୍ଟରେ ମାମଲା

**କଟକ, ୧୯/୦୭ ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାର ଯାଞ୍ଚ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା କରିବା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି । ମାନବାଧିକାର କର୍ମୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ଏକ ଆବେଦନ ଦାଏର କରିବା ସହ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ ବୋଲି ନିବେଦନ କରିଛନ୍ତି ।



ଆବେଦନକାରୀ ତାଙ୍କ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏଫ୍‌ଏମ୍ କଲେଜର ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ସେ ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିଥିଲେ । କିନ୍ତୁ ସବୁଠୁ ନିରାଶ ହେବାପରେ ଆତ୍ମାହୂତି ଭଳି ଚରମ ପଦକ୍ଷେପ ନେଇଥିଲେ । ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହା ଅତିସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାର ଉପଯୁକ୍ତ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ପିଟିସନ୍‌ରେ ଯୁକ୍ତି ଦର୍ଶାଇଛନ୍ତି । ଏଭଳି ଅଘଟଣର ଯେପରି ପୁନରାବୃତ୍ତି ନ'ଘଟେ ସେଥିପାଇଁ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ତଦନ୍ତର ଆବଶ୍ୟକତା ରହିଛି । ଅଦାଲତ କିଛି ନିରପେକ୍ଷ ଅଧିକାରୀଙ୍କୁ ନେଇ ଏସ୍‌ଆଇଟି ଗଠନ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଶେଷ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଟିସନ୍‌ରେ ପ୍ରାର୍ଥନା କରିଛନ୍ତି । ଛାତ୍ରୀଙ୍କୁ କିଭଳି ନିର୍ଯାତନା ଦିଆଯାଇଛି, ଏଥିରେ କଲେଜ ପ୍ରଶାସନର ଭୂମିକା, ୟୁଜିସି ଗାଇଡ୍‌ଲାଇନ୍ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇଥିଲା କି ନା, ଛାତ୍ରୀଙ୍କୁ ଆତ୍ମହୂତି ପାଇଁ ପ୍ରରୋଚିତ କରାଯିବା ଆଦି ବିଭିନ୍ନ ଦିଗକୁ ନେଇ ତଦନ୍ତ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଛନ୍ତି । କେବଳ ସେତିକି ନୁହେଁ, ମାମଲାର କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତ ଆରମ୍ଭ ହୋଇଥିବାରୁ ଏହାର ସ୍ଥିତି ସମ୍ପର୍କରେ ପୁଲିସ ଡିଜି ରିପୋର୍ଟ ଦାଖଲ କରିବାର ଆବଶ୍ୟକତା ଥିବା ଆବେଦନକାରୀ ଦର୍ଶାଇଛନ୍ତି । ସେହିପରି ଗତ ୧୫ ତାରିଖରେ ୟୁଜିସି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍‌ର ତଦନ୍ତ ରେକର୍ଡ ଦାଖଲ କରାଯିବା ନେଇ ମଧ୍ୟ ଆବେଦନକାରୀ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପ୍ରତି ଉଚ୍ଚଶିକ୍ଷା ଅନୁଷ୍ଠାନରେ ୟୁଜିସି ଗାଇଡ୍‌ଲାଇନ୍ ଆଧାରରେ ଇଣ୍ଟରନାଲ୍ କମ୍ପ୍ଲେଣ୍ଟସ୍ କମିଟି (ଆଇସିସି) ଗଠନ ବାଧ୍ୟତାମୂଳକ କରିବା ଲାଗି ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ପିଟିସନ୍‌ରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ୟୁଜିସି କର୍ତ୍ତୃପକ୍ଷ, ଗୃହ ବିଭାଗ ସଚିବ, ରାଜ୍ୟ ଉଚ୍ଚଶିକ୍ଷା ସଚିବ, ପୁଲିସ୍ ଡିଜି, କ୍ରାଇମ୍‌ବ୍ରାଞ୍ଚ୍‌କୁ ପକ୍ଷଭୁକ୍ତ କରାଯାଇଛି ।

# ୪ ବର୍ଷର ଝିଅକୁ ସ୍କୁଲ ଭ୍ୟାନ୍‌ରେ ଦୁଷ୍କର୍ମ : ଅଭିଯୁକ୍ତ ଗିରଫ

**ଲକ୍ଷ୍ନୌ, ୧୯/୭**

ଉତ୍ତରପ୍ରଦେଶ ଲକ୍ଷ୍ନୌରେ ଲଜ୍ଜା । ଏଠାରେ ଏଭଳି ଏକ ଘଟଣା ଘଟିଛି ଯାହା ବାପା, ମାଆଙ୍କ ମନରେ ଡର ସୃଷ୍ଟି କରିଛି । ଏଠାରେ ସ୍କୁଲରୁ ଫେରୁଥିବା ସମୟରେ ୪ ବର୍ଷର ଏକ କୁନି ଝିଅକୁ ସ୍କୁଲ ଭ୍ୟାନ୍ ଡ୍ରାଇଭର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଗତ ସୋମବାର ଏଠିକାର ଏକ ନାମୀ ସ୍କୁଲରେ ପଢୁଥିବା ୪ ବର୍ଷର କୁନି ଝିଅ ସ୍କୁଲରୁ ଫେରୁଥିଲା । ଶେଷ ଠିକଣାରେ ଝିଅକୁ ଛାଡ଼ିବାର ଥିଲା । କୁନ୍ତୁ ଏକୁଟିଆର ସୁଯୋଗ ନେଇ ଖୋଦ୍ ସ୍କୁଲ ଭ୍ୟାନ୍ ଡ୍ରାଇଭର ଝିଅକୁ ଦୁଷ୍କର୍ମ କରିଥିଲା । ଖାଲି ସେତିକି ନୁହେଁ ଝିଅ ବିରୋଧ କରିବାରୁ ତାକୁ ମାଡ଼ ମାରିବା ସହ ଡରାଇଥିଲା । ଝିଅ ଘରେ ପହଞ୍ଚି ଇସାରାରେ ମାଆଙ୍କୁ ସବୁ କଥା କହିଥିଲା । ଝିଅର କଥା ଶୁଣିବା ସହ ତା'ଦେହରେ ମାଡ଼ ଦାଗ ଦେଖି ଭୟଭୀତ ହୋଇଥିଲେ । ଝିଅକୁ ଡ୍ରାଇଭର ପାଖକୁ ନେଇ ଯାଇଥିଲେ । ଓଲଟି ଡ୍ରାଇଭର ତାଙ୍କୁ ଧମକ ଦେଇଥିଲା । ଏହାପରେ ଝିଅର ମାଆ ସ୍କୁଲ ଯାଇ କର୍ତ୍ତପକ୍ଷଙ୍କୁ ଜଣାଇଥିଲେ ବି ସେମାନେ ସ୍କୁଲର ସମ୍ମାନର ଦ୍ୱାହି ଦେଇ ନୀରବ ରହିଥିଲେ । ଶେଷରେ ଝିଅର ଅଭିଭାବକ ପୁଲିସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରିବା ସହ ଡ୍ରାଇଭରକୁ ଗିରଫ କରିଛି । ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଉତ୍ତରପ୍ରଦେଶର ମନ୍ତ୍ରୀ ସଞ୍ଜୟ ନିଷାଦ ।

# ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ ସମ୍ଭାବନା : ମ୍ୟାଲେରିଆ ନିରାକରଣ ପାଇଁ ଆସିବ ଟିକା

**ଭୁବନେଶ୍ୱର, ୧୯/୭**
**ନ୍ୟୁଜ ବ୍ୟୁରୋ**

ବ୍ରେନ୍ ମ୍ୟାଲେରିଆ ଚିକିତ୍ସା ପାଇଁ ମହୌଷଧ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନୂଆ ସମ୍ଭାବନା ଆସୁଛି । ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆରଏମ୍‌ଆରସି) ଭୁବନେଶ୍ୱରର ବୈଜ୍ଞାନିକ ଗବେଷଣା ବଳରେ ନୂଆ ଭ୍ୟାକ୍ସିନ୍ ଉଦ୍ଭାବନ କରିଛନ୍ତି । ଏହା ବ୍ରେନ୍ ମ୍ୟାଲେରିଆ ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ । ଆଉ ଲୋକଙ୍କୁ ମିଳିବ ରକ୍ଷା କବଚ । ଏହି ଭ୍ୟାକ୍ସିନ୍ ପଦ୍ଧତି ଉପରେ ଇଣ୍ଡିଆନ୍ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର) ଅନୁମତି ପ୍ରଦାନ କରିଛି । ଆରଏମ୍‌ଆରସି ଭ୍ୟାକ୍ସିନ ପ୍ରସ୍ତୁତକାରୀ କମ୍ପାନୀଙ୍କ ସହଯୋଗ ପାଇଁ ଆହ୍ୱାନ କରିଛନ୍ତି ।

ଉଦ୍ଭାବନ ହୋଇଥିବା ଭ୍ୟାକ୍‌ସିନ୍ ପଦ୍ଧତି ଦୁଇ ପ୍ରକାର କାମ କରିବ । ଲୋକେ ଏହି ଭ୍ୟାକ୍ସିନ ନେଲେ ମ୍ୟାଲେରିଆରୁ ସୁରକ୍ଷା ମିଳିବ । ଅନ୍ୟଟି ହେଲା ଗୋଷ୍ଠୀଗତ ସୁରକ୍ଷା ମିଳିବ । ଅର୍ଥାତ ଜଣେ ମ୍ୟାଲେରିଆ ଆକ୍ରାନ୍ତ ବ୍ୟକ୍ତିଙ୍କୁ ମଶା କାମୁଡ଼ି ଅନ୍ୟ ଲୋକଙ୍କୁ କାମୁଡ଼ିଲେ ସେ ଆକ୍ରାନ୍ତ ହେବେ ନାହିଁ । କାରଣ ମଶା ଦ୍ୱାରା ଜଣଙ୍କଠୁ ଆଉ ଜଣଙ୍କ ପାଖକୁ ବ୍ୟାପୁଥିବା ରକ୍ତରେ ପାରାସାଇଟ୍ ପରଜୀବୀକୁ ତାହା ପ୍ରତିହତ କରିବ । ଫଳରେ ଲୋକେ ଗୋଷ୍ଠୀଗତ ସଂକ୍ରମଣରୁ ରକ୍ଷା ପାଇବେ । ଆଇସିଏମ୍‌ଆର ଅତିରିକ୍ତ ଡିଜି ଡ. ସଂଘମିତ୍ରା ପତି, ବୈଜ୍ଞାନିକ ସୁବାସ ସିଂ ଓ ସୁଶିଲ ସିଂ ମିଶି ଏହି ଭ୍ୟାକ୍ସିନ କ୍ଷେତ୍ରରେ ଗବେଷଣା କରିଥିଲେ । ଏହାକୁ ଆଇସିଏମ୍‌ଆରର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ ଓ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇମ୍ୟୁନାଇଜେସନ୍ ଅନୁମତି ପ୍ରଦାନ କରିଛି । ଅନ୍ୟପଟରେ ଓଡ଼ିଶାରେ ୨୦୨୧ରେ ୨୫,୫୨୫ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲା ବେଳେ ୧୩ଜଣଙ୍କ ଜୀବନ ଯାଇଥିଲା । ୨୦୨୨ରେ ୨୩, ୭୭୦ ରୋଗୀ ଚିହ୍ନଟ ହୋଇଥିଲା ବେଳେ ୫ଜଣଙ୍କ ଜୀବନ ଯାଇଥିଲା । ୨୦୨୩ରେ ୪୧,୯୭୩ ହୋଇଥିଲା ବେଳେ ୪ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୪ରେ ୬୮,୬୯୩ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲା ବେଳେ ୮ଜଣ ପ୍ରାଣ ହରାଇଥିଲେ । ରାଜ୍ୟରେ କୋରାପୁଟ, ନବରଙ୍ଗପୁର, ବୌଦ୍ଧ, ସୋନପୁର, କଳାହାଣ୍ଡି ଆଦି ଆଦିବାସୀ ଜିଲ୍ଲାରେ ମ୍ୟାଲେରିଆ କାୟାବିସ୍ତାର କରିଛି ।



**ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !**

କଟକ ପାଇଁ "ସମ୍ବାଦ କଳିକା" ଏବଂ "ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ ।

୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧